## ସଂକ୍ଷେପରେ

### କେଶପୁର ବଜାରରୁ ହେବ ଜବରଦଖଲ ଉଚ୍ଛେଦ

ଖଲ୍ଲିକୋଟ,୨୭।୮ (ପ୍ରଶାନ୍ତ କୁମାର ମିଶ୍ର): ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ ୧୬ ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଥିବା କେଶପୁର ବଜାରରେ ହୋଇଥିବା ଜବରଦଖଲ ଉଚ୍ଛେଦ ଲାଗି ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏଥିଯୋଗୁ ଯୋଗୁ ଡ୍ରେନ ନିର୍ମାଣ ହୋଇ ନ ପାରି ଦୀର୍ଘ ଦିନ ହେବ ଅଧାପନ୍ତରିଆ ଅବସ୍ଥାରେ ପଡିଛି। ଏନଏଚଆଇ ଡ୍ରେନ ନିର୍ମାଣ ପାଇଁ ପ୍ରସ୍ତୁତି ଆରମ୍ଭ କରିବାରୁ ମଙ୍ଗଳବାର ଏନଏଚଆଇ କର୍ତ୍ତୃପକ୍ଷ ଏବଂ ଖଲ୍ଲିକୋଟ ତହସିଲଦାର ତଥା ଏକଜୁକେଟିଭ୍ ମାଜିଷ୍ଟ୍ରେଟ ଡ. ଆର୍ଯ୍ୟ କୁମାର ସର୍ବଦମନ, ଖଲ୍ଲିକୋଟ ଆଇଆଇସି ନରେଶ କୁମାର ସାହୁ ଏବଂ ରାଜସ୍ୱ କର୍ମଚାରୀ ବଜାରରେ ପହଞ୍ଚି ଜବରଦଖଲରେ ଥିବା ବ୍ୟକ୍ତିଙ୍କୁ ତୁରନ୍ତ ଦଖଲରେ ରଖିଥିବା ସ୍ଥାନ ଛାଡିବାକୁ ନିର୍ଦ୍ଦେଶ ଦେଇଛନ୍ତି। ସ୍ଥାନ ନ ଛାଡିଲେ ବୁଧବାର ବୁଲଡ୍ରୋଜର ବୁଲି ଉଚ୍ଛେଦ କରିବ ବୋଲି ଚେତାବନୀ ଦେଇଛନ୍ତି।

### ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ

ଫୁଲବାଣୀ, ୨୭।୮ (ରାକେଶ କୁମାର ରାଉତ)

ଜିଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲା ଦୌରାଜଜ୍ ସତ୍ୟପୀର ମିଶ୍ର ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ଏଥିରେ ଫୌଜଦାରୀ ଆଇନ, ପିଲାଙ୍କ ସମ୍ପର୍କିତ ଆଇନ, ପରିବାର ସମ୍ପର୍କିତ ଆଇନ, ଶ୍ରମ ସମ୍ବନ୍ଧୀୟ ଆଇନ, ନାଲ୍‌ସା ସ୍କିମ୍, ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କ ଭୂମିକା ଓ କାର୍ଯ୍ୟ, ଏଲ୍.ଏସ୍.ଏମ୍.ଏସ୍. ପୋର୍ଟାଲର କାର୍ଯ୍ୟକାରିତା, ନାଲ୍‌ସା ହେଲ୍ପ ଲାଇନ ନଂ. ଆଦି ଉପରେ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲା ଓ ଦୌରା ଜଜ୍ ସମର ବିଳାସ ବେହେରା, ସ୍ୱତନ୍ତ୍ର ପୋକ୍ସୋ କୋର୍ଟର ଅତିରିକ୍ତ ଜିଲା ଜଜ୍ ରାଜେଶ ଦାଶ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ବନାଳୀ ତ୍ରିପାଠୀ, ମହିଳା କୋର୍ଟ ଆସିଷ୍ଟାଣ୍ଟ ସେସନ୍ ଜଜ୍ ବିଶ୍ୱକଲ୍ୟାଣୀ ମିଶ୍ର, ଜିଲା ଆଇନସେବା ପ୍ରାଧିକରଣର ସଚିବ ଅନୁଶୀଳା ରୟ ପ୍ରମୁଖ ଯୋଗ ଦେଇଥିଲେ। ମୋଟ ୨୫ ଜଣ ପାରା ଲିଗାଲ ସ୍ୱେଚ୍ଛାସେବୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା।

### ଧର୍ମ ପରାୟଣ ବ୍ୟକ୍ତିଙ୍କ ପରଲୋକ

ଭଞ୍ଜନଗର, ୨୭।୮ (ବାବୁଲା ପ୍ରଧାନ): ଜଣେ ମେଳାପୀ, ପରୋପକାରୀ ତଥା ଧର୍ମ ପରାୟଣ ବ୍ୟକ୍ତି ଭକ୍ତରାମ ପ୍ରଧାନ (୮୦)ଙ୍କ ରିବାର ରାତିରେ ପରଲୋକ ହୋଇଛି। ସେ ହେଉଛନ୍ତି ଭଞ୍ଜନଗର ଅଞ୍ଚଳର ଖବରଦାତା ତଥା ଖବରକାଗଜ ବିତରକ ଦୁଷ୍ମନ୍ତ ପ୍ରଧାନଙ୍କ ବାପା। ରବିବାର ଏକ ଦୁର୍ଘଟଣାରେ ଭକ୍ତରାମଙ୍କ ମୁଣ୍ଡରେ ଆଘାତ ଲାଗିବାରୁ ଚିକିତ୍ସା ପାଇଁ ଭୁବନେଶ୍ୱର ନିଆଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଛି। ସୋମବାର ତାଙ୍କ ମରଶରୀର ନିଜ ଗ୍ରାମ ବାଉଁଶଲୁଣ୍ଡିକୁ ଆସିବା ପରେ ଅନ୍ତିମ ସତ୍କାର କରାଯାଇଛି।

# ଅଲଗା ହେବ ଯୁକ୍ତ ୩ ମହାବିଦ୍ୟାଳୟ, ଯୁକ୍ତ ୨ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ଫୁଲବାଣୀ, ୨୭।୮ (ରାକେଶ କୁମାର ରାଉତ)

ଜନ୍ମାଷ୍ଟମୀରେ କନ୍ଧମାଳ ଜିଲା ଦିନିକିଆ ଗସ୍ତରେ ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାଏକ ଏବଂ ଉଚ୍ଚ ଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଆସି ତୁମୁଡ଼ିବନ୍ଧ ବ୍ଲକ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷରେ ସେମାନଙ୍କ ବିଭାଗ କାର୍ଯ୍ୟକାରୀତା ଉପରେ ସମୀକ୍ଷା କରିଛନ୍ତି। ରାଜ୍ୟରେ ଥିବା ମହାବିଦ୍ୟାଳୟ ଗୁଡ଼ିକରୁ ଯୁକ୍ତ ତିନି ମହାବିଦ୍ୟାଳୟ ଓ ଯୁକ୍ତ ଦୁଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ଅଲଗା କରାଯିବ। ଦୁଇଟି ଶିକ୍ଷାନୁଷ୍ଠାନ ପାଖାପାଖି ରହିବ ବୋଲି ରାଜ୍ୟ ସରକାର ସ୍ଥିର କରିଛନ୍ତି। ଜିଲାର ଯେଉଁ ମହାବିଦ୍ୟାଳୟ କିମ୍ବା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଛାତ୍ର ସଂଖ୍ୟା କମୁଛି, ତା' ଉପରେ ଅନୁଧ୍ୟାନ କରି ରିପୋର୍ଟ ଦେବାକୁ ଜିଲାପାଳଙ୍କୁ ପରାମର୍ଶ ଦେଇଛନ୍ତି। କନ୍ଧମାଳ ଷ୍ଟାଡିୟମର ଉନ୍ନତିକରଣ, ଆଥ୍‌ଲେଟିକ ସିନ୍ଥେଟିକ୍ ଗ୍ରାଉଣ୍ଡ ନିର୍ମାଣ, ସୁଇମିଙ୍ଗ୍ ପୁଲ, ବାଲିଗୁଡ଼ାରେ ହକି ଆଷ୍ଟ୍ରୋ ଟର୍ଫ କୋର୍ଟ ଓ କନ୍ଧମାଳ ଷ୍ଟାଡିୟମର ଗ୍ୟାଲେରୀ ନିର୍ମାଣ, ବିଜ୍ଞାପିତ ଅଞ୍ଚଳ ପରିଷଦ ଓ ବ୍ଲକରେ ଥିବା ଖେଳ ପଡ଼ିଆର ଉନ୍ନତିକରଣ ପାଇଁ ଜିଲା କ୍ରୀଡ଼ା ଅଧିକାରୀ ପ୍ରସ୍ତାବ ଦେଇଥିବା ବେଳେ ଜିଲା ସଂସ୍କୃତି ଅଧିକାରୀ ଜିଲାରେ ୧୫ଶହ ସିଟ୍ ବିଶିଷ୍ଟ ଅଡିଟୋରିୟମ ନିର୍ମାଣ ପାଇଁ ପ୍ରସ୍ତାବ ଦେଇଥିଲେ। କନ୍ଧମାଳ ଏମ୍‌ପି ସୁକାନ୍ତ କୁମାର ପାଣିଗ୍ରାହୀ ଉପସ୍ଥିତ ରହି କିଛି ଅଯୋଗ୍ୟ ବ୍ୟକ୍ତି କଳାକାର ଭତ୍ତା ପାଉଥିବା ବେଳେ ଯୋଗ୍ୟ ବ୍ୟକ୍ତି ସେଥିରୁ ବଞ୍ଚିତ ହୋଇଛନ୍ତି ବୋଲି ଅଭିଯୋଗ ମିଳିଛି। ଆବଶ୍ୟକ ପଡ଼ିଲେ ସମୀକ୍ଷା କରାଯିବ ବୋଲି କହିଥିଲେ। ସେହିପରି ଜିଲାରେ ଅଧିକ ଆଳୁ ଆବଶ୍ୟକତା ଅଛି। ପ୍ରଥମେ ୩ ମେଟ୍ରିକ ଟନ୍ ଆଳୁ ଉତ୍ପାଦନ କରି ରଖିବା ପାଇଁ କୋଲ୍ଡ ଷ୍ଟୋର ବ୍ୟବସ୍ଥା କରାଯିବ। ଚାହିଦା ଅନୁଯାୟୀ ହଳଦୀ ଓ ଅଦା ଉତ୍ପାଦନ ବୃଦ୍ଧି କରାଯିବ ବୋଲି ଏମ୍‌ପି କହିଥିଲେ। ମନ୍ତ୍ରୀ କହିଲେ, ଆଗ୍ରହ ଥିବା ଖେଳକୁ ଦୃଷ୍ଟିରେ ରଖି ପଡ଼ିଆ ନିର୍ମାଣ କରାଯିବା ଆବଶ୍ୟକ। ବିଭାଗୀୟ ଅଧିକାରୀମାନେ ଚାହିଁଲେ ଜିଲାର ଦାଦନ ସମସ୍ୟା ଦୂର କରି ପାରିବେ। କନ୍ଧମାଳର ହଳଦୀ, ଅଦା, ବିନ୍‌ସ, ଆଳୁ, ଶୋରିଷ ଆଦିର ଚାହିଦା ରହିଛି। ସେଥିପାଇଁ ମାର୍କେଟ୍‌ର ଆବଶ୍ୟକତା ରହିଛି। ଏହିସବୁ ଜିନିଷ ବାହାରକୁ ରପ୍ତାନୀ ହୋଇ ପାରିଲେ ଜିଲାର ଚାଷୀମାନେ ବିଶେଷ ଲାଭବାନ ହୋଇପାରିବେ। ଏଥିପ୍ରତି ଦୃଷ୍ଟି ଦେବାକୁ ସେ ଜିଲାପାଳଙ୍କୁ ପରାମର୍ଶ ଦେଇଥିଲେ। ପରୀକ୍ଷାମୂଳକ ଭାବେ ପ୍ରଥମେ ଜିଲାର ୩ଟି ବ୍ଲକରେ ୩୦୦ ଦିନର କାମ ଯୋଗାଇ ଦେବା ସହିତ ସଠିକ ସମୟରେ ସେମାନଙ୍କର ମଜୁରୀ ଦିଆଯାଉ। ସେମାନଙ୍କୁ ରୋଜଗାର ଦେବା ପାଇଁ ବିଭିନ୍ନ ବିଭାଗ ଦ୍ୱାରା ମାଇକ୍ରୋ ପ୍ଲାନ୍ କରାଯାଉ। ୩ମାସ ପରେ ଏହି କାର୍ଯ୍ୟର ଅଗ୍ରଗତି ସମ୍ପର୍କରେ ସମୀକ୍ଷା କରାଯିବ ବୋଲି ମନ୍ତ୍ରୀ କହିଥିଲେ। ଅନୁଷ୍ଠିତ ବୈଠକରେ ଫୁଲବାଣୀ ବିଧାୟକ ଉମା ଚରଣ ମଲ୍ଲିକ, ଜିଲାପାଳ ଅମ୍ରିତ ଋତୁରାଜ୍, ମୁଖ୍ୟ ଉନ୍ନୟନ ଅଧିକାରୀ ରତ୍ନାକର ସାହୁ, ଉପ ଜିଲାପାଳ ରୀନା ପ୍ରଧାନ, ଅତିରିକ୍ତ ଜିଲାପାଳ ରମେଶ ଚନ୍ଦ୍ର ଜେନା, ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା ଉପସ୍ଥିତ ଥିଲେ।

### ତୁମୁଡିବନ୍ଧରେ ଉନ୍ନୟନ କାର୍ଯ୍ୟର ସମୀକ୍ଷା କଲେ ମନ୍ତ୍ରୀ




# ଶିକ୍ଷକ ବିକି ଚାଲିଛନ୍ତି ସରକାରୀ ଜମି

ଫୁଲବାଣୀ, ୨୭।୮ (ରାକେଶ କୁମାର ରାଉତ)– ରାଜ୍ୟ ସରକାର ସରକାରୀ ଜମିରୁ ଜବରଦଖଲ ହଟେଇବାକୁ ନିର୍ଦ୍ଦେଶ ଦେଇଥିଲେ ମଧ୍ୟ କନ୍ଧମାଳ ଜିଲାରେ ଏହାର କିଛି ପ୍ରଭାବ ପଡୁନାହିଁ। ଫୁଲବାଣୀ ତହସିଲରେ ଜଣେ ରାଜସ୍ୱ ନୀରିକ୍ଷକ ସରକାରୀ ଜମି ବିକ୍ରିରେ ଦଲାଲ ସାଜିଥିବା ବେଳେ ଏବେ ଜଣେ ସରକାରୀ ଶିକ୍ଷକ ସରକାରୀ ଜମି ବିକ୍ରି କରୁଥିବା ନଜରକୁ ଆସିଛି। ସରକାରୀ ବୋର୍ଡ ଲାଗିଥିବା ସତ୍ତ୍ୱେ ଶିକ୍ଷକ ଜଣକ ସେହି ଜାଗାରେ ଘର ତିଆରି କରୁଛନ୍ତି। ଏ ନେଇ ଅଭିଯୋଗ ତହସିଲଦାରଙ୍କଠାରୁ ଆରମ୍ଭ କରି ରାଜସ୍ୱ ନୀରୀକ୍ଷକଙ୍କ ପାଖରେ ପହଞ୍ଚିଲେ ହେଁ ସେମାନେ ଚୁପ୍ ରହୁଛନ୍ତି। ତୁରନ୍ତ କାର୍ଯ୍ୟ ବନ୍ଦ କରାଯିବାକୁ ନେଇ କିଛି ସାମାଜିକ କର୍ମୀ ଉପ ଜିଲାପାଳଙ୍କ ପାଖରେ ଅଭିଯୋଗ କରିଛନ୍ତି। ଫୁଲବାଣୀ ନାରାୟଣୀ ମନ୍ଦିରଠାରୁ କେନ୍ଦ୍ରୀୟ ବିଦ୍ୟାଳୟ ରାସ୍ତାରେ ଜଣେ ସରକାରୀ ଶିକ୍ଷକ ସରକାରୀ ଜମି ଦଖଲ କରିଛନ୍ତି। ଏଠାରେ ଥିବା ଚନ୍ଦନ ଗଛ କାଟି ନିଜେ କୋଠା ନିର୍ମାଣ କରୁଛନ୍ତି। ଜାଗାର କିଛି ଅଂଶକୁ ଅନ୍ୟମାନଙ୍କୁ ବିକ୍ରି କରାଯାଇ ପାଖାପାଖି ୩୫ ଲକ୍ଷ ଟଙ୍କା କାରବାର ହୋଇଥିବା ଜଣାପଡ଼ିଛି। ଏହି ଅଭିଯୋଗର ତଦନ୍ତ କରି ପୂର୍ବତନ ତହସିଲଦାର ନିର୍ମାଣ କାମକୁ ବନ୍ଦ କରାଇ ଉକ୍ତ ଜାଗାରେ ସରକାରୀ ଫଳକ ଲଗାଇଥିଲେ। ବର୍ତ୍ତମାନ ତହସିଲଦାର ପରିବର୍ତ୍ତନ ହେବା ପରେ ଏହାର ସୁଯୋଗ ନେଇ ସମ୍ପୃକ୍ତ ଶିକ୍ଷକ ଜଣକ ସେହି ଜାଗାରେ ପୁଣି କୋଠା ନିର୍ମାଣ କରୁଛନ୍ତି। ସରକାରୀ ଫଳକକୁ ଉପାଡି ଫିଙ୍ଗି ଦେଇଛନ୍ତି। ପୁଣି ସେହି ଜାଗାକୁ ଭାଗ ଭାଗ କରି ବିକ୍ରି ଚଳାଇଛନ୍ତି। ସରକାରୀ ଜମିରୁ ଜବରଦଖଲ ଉଚ୍ଛେଦ ପାଇଁ ନିର୍ଦ୍ଦେଶ ଥିବା ବେଳେ ତହସିଲ କର୍ତ୍ତୃପକ୍ଷଙ୍କ ନୀରବତାକୁ ନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ନେଇ ତହସିଲଦାର ସଚ୍ଚିଦାନନ୍ଦ ନାୟକଙ୍କୁ ପଚାରିବାରୁ ଆସନ୍ତା ଶୁକ୍ରବାର ଏହି ବିଷୟରେ ଶୁଣାଣୀ ଅଛି ବୋଲି କହିଛନ୍ତି। ଅନ୍ୟପକ୍ଷେ ଉପ ଜିଲାପାଳ ଚିତରଞ୍ଜନ ମହନ୍ତ ତହସିଲଦାର ଏବଂ ରାଜସ୍ୱ ନୀରିକ୍ଷକଙ୍କୁ ଡାକି ଆଲୋଚନା କରି ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି।

# ମଧ୍ୟାହ୍ନଭୋଜନରୁ ବଞ୍ଚିତ ହେଲେ ଛାତ୍ରୀଛାତ୍ର

ଖଜୁରୀପଡ଼ା ୨୭।୮ ( ବିଦୁର ବେହେରା)

ଖଜୁରୀପଡ଼ା ଗୋଷ୍ଠୀ ଶିକ୍ଷା ବିଭାଗ ଅଧୀନରେ ଥିବା ଦରଡ଼ା ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନରୁ ବଞ୍ଚିତ ହୋଇଥିବା ଅଭିଯୋଗ ହୋଇଛି। ୧୯୫୮ରେ ସ୍ଥାପିତ ହୋଇଥିବା ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୩ ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ଦାୟିତ୍ୱରେ ଅବହେଳା ଯୋଗୁ ଛାତ୍ରୀଛାତ୍ରମାନେ ମଧ୍ୟାହ୍ନଭୋଜନ ବଞ୍ଚିତ ହୋଇଥିବା ଅଭିଭାବକମାନେ ଅଭିଯୋଗ କରିଛନ୍ତି। ଏନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିବା ଦେଖିବାକୁ ମିଳିଛି। ଏଥିପାଇଁ ଅଭିଭାବକ ବୀରେନ୍ଦ୍ର ଦେହୁରୀ, ଅଗସ୍ତି ଦେହୁରୀ, ନର୍ମଦା କୁମାରୀ ପ୍ରଧାନ ଏବଂ ଅର୍ଜୁନ ମଲ୍ଲିକ ଦୁଃଖ ପ୍ରକାଶ କରିଛନ୍ତି। ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ଶକୁନ୍ତଳା ପ୍ରଧାନଙ୍କୁ ଏ ବିଷୟରେ ପଚାରିବାରୁ ସେ କହିଲେ, ପ୍ରଧାନ ଶିକ୍ଷକ ପ୍ରଶାନ୍ତ କୁମାର ମଲ୍ଲିକ ଦେହ ଅସୁସ୍ଥ ଯୋଗୁ ଛୁଟିରେ ଅଛନ୍ତି। ବିଦ୍ୟାଳୟରେ ୨ଜଣ ରୋଷେୟା ବିନତି ମଲ୍ଲିକ ଏବଂ ବିନତି ବେହେରା ଅଛନ୍ତି। ବିନତି ଦେହ ଅସୁସ୍ଥ ହେତୁ ଚିକିତ୍ସା ପାଇଁ ଅନୁଗୋଳ ଯାଇଥିଲେ। ବିନତି ବେହେରା କୌଣସି କାରଣରୁ ମଙ୍ଗଳବାର ବିଦ୍ୟାଳୟ ଆସିନାହାନ୍ତି। ୨ଜଣ ରୋଷେୟା ଅନୁପସ୍ଥିତ କାରଣରୁ ବିଦ୍ୟାଳୟରେ ମଧ୍ୟାହ୍ନଭୋଜନ ପ୍ରସ୍ତୁତ ହୋଇପାରିନାହିଁ। ଏ ସମ୍ପର୍କରେ ଗୋଷ୍ଠୀ ଶିକ୍ଷା ଅଧିକାରୀ ବିନୋଦ ବିହାରୀ ଦିଗାଲଙ୍କୁ ପଚାରିବାରୁ ସେ କହିଲେ ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ।

# ବ୍ରାହ୍ମଣୀଗାଁରେ ଜନ୍ମାଷ୍ଟମୀ, ସ୍ୱାମୀଜୀଙ୍କ ବଳିଦାନ ଦିବସ

ବ୍ରାହ୍ମଣୀଗାଁ, ୨୭।୮ (ମନୋରଞ୍ଜନ ରଣା):

ବ୍ରାହ୍ମଣୀଗାଁରେ ସୋମବାର ପବିତ୍ର ଜନ୍ମାଷ୍ଟମୀ ପାଳନ କରାଯାଇଛି। ପ୍ରତି ଘରେ ଶ୍ରୀକୃଷ୍ଣଙ୍କୁ ସ୍ୱାଗତ କରାଯିବା ସହ ଭାଗବତ ଟୁଙ୍ଗିରେ ପୂଜାର୍ଚ୍ଚନା କରାଯାଇଛି। ସେହିପରି ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କ ୧୬ତମ ବଳିଦାନ ଦିବସ ମଧ୍ୟ ପାଳନ କରାଯାଇ ତାଙ୍କ ସ୍ମୃତିଚାରଣ କରାଯାଇଛି। କନ୍ଧମାଳ ଜିଲାର ଶିକ୍ଷା ଏବଂ ଧର୍ମ ଜାଗରଣ ନିମନ୍ତେ ସ୍ୱାମୀଜୀଙ୍କ ଯୋଗଦାନ ଶୀର୍ଷକ ଶ୍ରଦ୍ଧାଳୁ ଓ ଶ୍ରୋତାମାନେ ଆଲୋଚନା କରିଥିଲେ। ବ୍ରାହ୍ମଣୀଗାଁରେ ଦଣ୍ଡପାଣି ତ୍ରିପାଠିଙ୍କ ପୌରହିତ୍ୟରେ ତ୍ରିନାଥ ଭଜନ ମଣ୍ଡପରେ ଶ୍ରୀକୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ ନାନାଦି ଫୁଲ, ବସ୍ତ୍ରରେ ସଜାଇ ହୋମଯଜ୍ଞ କରାଯାଇଥିଲା। ଅପରାହ୍ନରେ ପୋଲିସ ସୁରକ୍ଷା ବଳୟରେ ନଗର ପରିକ୍ରମା କରାଯାଇଥିଲା। ପରେ ଶ୍ରୀମଦ ଭଗବତ ଗୀତାର ଦଶମ ସ୍କନ୍ଧ ପାଠ କରଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ବ୍ରାହ୍ମଣୀଗାଁ ବନାଞ୍ଚଳ ଅଧିକାରୀ ହରିହର ବେହେରା, ମୁଖ୍ୟବକ୍ତା ଧର୍ମେଶ କୁମାର, ଅନ୍ୟତମ ଅତିଥିଙ୍କ ମଧ୍ୟରେ ବ୍ରାହ୍ମଣୀଗାଁ ଋଷିମାଳ ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଦିବାକର ବେହେରା, ବ୍ରାହ୍ମଣୀଗାଁ ଭାରପ୍ରାପ୍ତ ଥାନା ଅଧିକାରୀ ଚିରଞ୍ଜିବୀ ବେହେରା, ସୁରେନ୍ଦ୍ର ଚର୍ଚ୍ଚି, ଯୋଗ ଦେଇଥିଲେ। ଗତ କିଛିଦିନ ହେଲା ଦଙ୍ଗା ଗୁଜବ ନେଇ ସୃଷ୍ଟି ହୋଇଥିବା ସମ୍ବେଦନଶୀଳ ପରିସ୍ଥିତିକୁ ଆଖି ଆଗରେ ରଖି ପୋଲିସ ପକ୍ଷରୁ ଥାନା ଅଞ୍ଚଳରେ ଶାନ୍ତି କମିଟି ବୈଠକ କରି ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ନିବେଦନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଗ୍ରାମ ବିକାଶ କମିଟି ଏବଂ ସ୍ୱାମୀ ବିବେକାନନ୍ଦ ଯୁବକ ସଂଘ ଆୟୋଜନ କରିଥିଲେ।

# ବିଧାୟକଙ୍କ ବିରୋଧରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର



ଆସିକା, ୨୭।୮ (ସୁରେନ୍ଦ୍ର ନାଥ ସାହୁ)

ଆସିକା ବିଧାୟକ ସରୋଜ ପାଢୀ ଦୁର୍ନୀତିରେ ସମ୍ପୃକ୍ତ ରହୁଥିବା ଦର୍ଶାଇ ତାଙ୍କ ବିରୋଧରେ ଜନପ୍ରତିନିଧି ଆଇନ ମୁତାବକ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପୂର୍ବତନ ବିଧାୟିକା ମଞ୍ଜୁଳା ସ୍ୱାଇଁଙ୍କ ସମେତ ବହୁ ବ୍ୟକ୍ତିଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯାଇଛି। ଗଞ୍ଜାମ ଜୋନ ଯୁବ ବିଜେଡି ସଭାପତି ନଚିକେତା ସ୍ୱାଇଁ, ବିଜେଡି ଜିଲା ଉପସଭାପତି ଦିଲୀପ କୁମାର ପାଣିଗ୍ରାହୀ, ଭବାନୀ ଶଙ୍କର ମଲିକ, ଅନିଲ କୁମାର ନାୟକ, ମନୋଜ ଦୋରାଙ୍କ ସମେତ ବହୁ ବ୍ୟକ୍ତି ଆସିକା ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶନୀ ଓ ବିଡିଓ ଫକୀର ଚରଣ ପରିଡାଙ୍କୁ ପୃଥକ ଭାବେ ଏହି ଦାବିପତ୍ର ପ୍ରଦାନ କରିଥିଲେ। ଆସିକା ବିଧାୟକ ପାଢୀ ନିର୍ବାଚନ ମଣ୍ଡଳୀରେ ଅଫିସରମାନଙ୍କୁ ଅର୍ଥ ଦାବି କରୁଥିବା ସେଥିରେ ଦର୍ଶାଯାଇଛି। ଏହାଛଡା ଗତ କିଛିଦିନ ଧରି ଆସିକା ଅଞ୍ଚଳର ବାଲିଘାଟ ଲିଜ୍‌ଧାରୀଙ୍କ ସହ ଟଙ୍କା ଦେଣନେଣ ସମ୍ପର୍କରେ ଆଲୋଚନାର ଏକ ଭାଇରାଲ ଅଡିଓ ସମ୍ପର୍କରେ ମଧ୍ୟ ଦର୍ଶାଯାଇ ମୁଖ୍ୟମନ୍ତ୍ରୀ ଏହାର ତଦନ୍ତ କରନ୍ତୁ ବୋଲି ଦାବି କରାଯାଇଛି। ମୁଖ୍ୟମନ୍ତ୍ରୀ ଏ ଦିଗରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କଲେ ଅଞ୍ଚଳବାସୀଙ୍କ ପକ୍ଷରୁ ଅଦାଲତର ଆଶ୍ରୟ ନିଆଯିବ ବୋଲି ଉଲ୍ଲେଖ କରାଯାଇଛି।

# ପାହାଡ଼ିଆ ଅଞ୍ଚଳରେ ରାସ୍ତା ସମସ୍ୟା

ଗୁମ୍ମା, ୨୭।୮ (ପ୍ରବୀଣ କୁମାର ଲିମା)

ପାହାଡ଼ିଆ ଅଞ୍ଚଳରେ ବାସ କରୁଥିବା ଜଣସାଧାରଣଙ୍କ ବିଭିନ୍ନ ସମସ୍ୟା ଦେଇ ଗତି କରୁଛନ୍ତି। ବର୍ଷା ଋତୁରେ ପାହାଡ଼ରୁ ମାଟି ଖସି ପଥର ଧସିବା ଏବଂ ଗ୍ରୀଷ୍ମ ଋତୁରେ ପାନୀୟ ଜଳ କମିଯିବା ଏକ ସମସ୍ୟା। ଏହି ଦୁଇ ଋତୁରେ ପାହାଡ଼ିଆ ଜନବସତିରେ ବାସ କରୁଥିବା ଜନସାଧାରଣଙ୍କୁ ବହୁତ କଠିନ ପରିଶ୍ରମ କରିବାକୁ ପଡ଼ିଥାଏ। ଏହିପରି ଦୃଶ୍ୟ ଦେଖିବାକୁ ମିଳିଛି ଗଜପତି ଜିଲା ଗୁମ୍ମା ବ୍ଲକ ଅନ୍ତର୍ଗତ ଗାଇବା ପଞ୍ଚାୟତ ବୁରୁଡ଼ା ଗ୍ରାମରେ। କାଶୀନଗରକୁ ସଂଯୋଗ କରୁଥିବା ରାସ୍ତା ଏବେ ମରଣଯନ୍ତା ପାଲଟିଛି। ଯାତାୟାତରେ ଜନସାଧାରଣଙ୍କୁ ବହୁତ ସମସ୍ୟାର ସମ୍ମୁଖୀନ ହେବାକୁ ପଡୁଛି। ତିନୋଟି ପଞ୍ଚାୟତବାସୀଙ୍କୁ ଏହି ରାସ୍ତା ଦେଇ କାଶୀନଗର ଗମନା ଗମନ କରିବା ପାଇଁ କେବଳ ୧୦ କିମି ଲାଗିଥାଏ।



କାଦୁଅ ରାସ୍ତା।

ଆଉ ଗାଇବାରୁ ହାଡୁଭାଙ୍ଗି ଦେଇ କାଶୀନଗର ଗଲେ ୨୪ କିମି ପଡ଼ିଥାଏ। ପ୍ରାୟତଃ ଜନସାଧାରଣ ଏହି ମାଟି ରାସ୍ତା ଦେଇ ଗମନାଗମନ କରନ୍ତି। କିନ୍ତୁ ମାଟି ରାସ୍ତା ହୋଇଥିବା ଯୋଗୁ ଅଳ୍ପ ବର୍ଷାରେ ରାସ୍ତାରେ କାଦୁଅ ହୋଇ ସପ୍ତାହ ଯାଏ କାଦୁଅ ପାଣି ଜମି ରହୁଛି। ପ୍ରାୟତଃ ତିନୋଟି ପଞ୍ଚାୟତର ଛାତ୍ରୀଛାତ୍ରମାନେ କାଶୀନଗର ଶ୍ରୀରାମ କଲେଜରେ ଅଧ୍ୟୟନ କରନ୍ତି। ଯଦି ଏହି ରାସ୍ତା କାମ ହୋଇଯାଏ ତେବେ କମ ସମୟରେ ଛାତ୍ରୀଛାତ୍ର କଲେଜ ଯିବାର ସୁବିଧା ପାଇପାରିବେ ଏବଂ ଅନେକ ଛୋଟ ବଡ଼ ବ୍ୟବସାୟମାନଙ୍କୁ ମଧ୍ୟ ସୁବିଧା ମିଳିପାରିବ। ଆଦିବାସୀ ଅଞ୍ଚଳ ହୋଇଥିବା ହେତୁ ଅଭିଯୋଗ ସତ୍ତ୍ୱେ କାମ ହେଇପାରୁ ନାହିଁ। ସରକାର ଯଦି ଏହି ରାସ୍ତା ଉପରେ ଦୃଷ୍ଟି ଦେବେ ତିନୋଟି ପଞ୍ଚାୟତବାସୀ ଉପକୃତ ହୋଇପାରନ୍ତେ।

# ବାଲିଗାଡି ଚଳାଚଳକୁ ନେଇ ଅସନ୍ତୋଷ

ଆସିକା, ୨୭।୮ (ସୁରେନ୍ଦ୍ର ନାଥ ସାହୁ): ଆସିକା ବ୍ଲକର ଚଡିଆପଲ୍ଲୀ ପଞ୍ଚାୟତ ଅନ୍ତର୍ଗତ ଆସିକା – ମଙ୍ଗଳପୁର ଗ୍ରାମ୍ୟ ରାସ୍ତାରେ ଋଷିକୂଲ୍ୟା ନଦୀରୁ ଦୈନିକ ଶହ ଶହ ବାଲି ବୋଝେଇ ଗାଡି ଯାତାୟତକୁ ନେଇ ଅସନ୍ତୋଷ ଦେଖାଦେଇଛି। ବାଲିଗାଡିଯୋଗୁ ଉକ୍ତ ରାସ୍ତାରେ ଯାତାୟାତ ବିପଦସଂକୁଳ ହୋଇ ପଡୁଥିବା ବେଳେ ରାସ୍ତା ନଷ୍ଟ ହେଉଛି। ମଙ୍ଗଳବାର ଚଡିଆପଲ୍ଲୀ ସରପଞ୍ଚ ଜୟସେନ ସ୍ୱାଇଁ ଏ ସମ୍ପର୍କରେ ଆସିକା ତହସିଲଦାରଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଛନ୍ତି। ପଞ୍ଚାୟତବାସୀ ଏ ସମ୍ପର୍କରେ ସରପଞ୍ଚଙ୍କ ନିକଟରେ ଅଭିଯୋଗ କରୁଥିବା ବେଳେ ତୁରନ୍ତ ରାସ୍ତା ନିର୍ମାଣ ସହ ଏହାର ପ୍ରତିକାରର ବ୍ୟବସ୍ଥା ନିମନ୍ତେ ଦୃଷ୍ଟିଦେବାକୁ ନିବେଦନ କରାଯାଇଛି।

# ଶିକ୍ଷା ଅଧିକାର ଆଇନ ସମ୍ପର୍କିତ ଆଲୋଚନାଚକ୍ର

ଭଞ୍ଜନଗର, ୨୭।୮ (ବାବୁଲା ପ୍ରଧାନ)

ଭଞ୍ଜନଗର କବି ସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ଶିକ୍ଷା ବିଭାଗ ପକ୍ଷରୁ ମଙ୍ଗଳବାର ଶିକ୍ଷା ଅଧିକାର ଆଇନ–୨୦୦୯ ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ଅଧିକାର ଆଇନର ଲକ୍ଷ୍ୟ ଉପରେ ଆଲୋକପାତ କରି ୬ରୁ୧୪ ବର୍ଷ ବୟସର ସମସ୍ତ ଶିଶୁଙ୍କୁ ମାଗଣା ବାଧ୍ୟତାମୂଳକ ଶିକ୍ଷା ଯୋଗାଇ ଦେବା, ଘରୋଇ ଶିକ୍ଷାନୁଷ୍ଠାନଗୁଡିକରେ ୨୫ ପ୍ରତିଶତ ଗରିବ ଛାତ୍ରୀଛାତ୍ରଙ୍କୁ ମାଗଣା ଶିକ୍ଷା ଯୋଗାଇ ଦେବା ନେଇ ବକ୍ତାମାନେ ଗୁରୁତ୍ୱାରୋପ କରିଥିଲେ। ଏହି ଆଇନ ଲାଗୁ ପରେ ସେଭଳି କିଛି ପରିବର୍ତ୍ତନ ହୋଇନାହିଁ, ଶିକ୍ଷା ଅଧିକାର ଆଇନ ଲାଗୁ ପରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଯେଉଁ ଭିତ୍ତିଭୂମି ଆବଶ୍ୟକ ତାହା ନାହିଁ ବୋଲି ଅତିଥିମାନେ ପ୍ରକାଶ କରିଥିଲେ। ଭାରପ୍ରାପ୍ତ ଅଧକ୍ଷା ଆରତିବାଳା ପ୍ରଧାନ ଅଧକ୍ଷତା କରିଥିଲେ। ବିଭାଗୀୟ ମୁଖ୍ୟ ଅଧ୍ୟାପିକା ତୃପ୍ତିମୟୀ ଦାସ ସଂଯୋଜନା କରିଥିଲେ। ଛାତ୍ରୀ ସପ୍ନାରାଣୀ ବଡେଇ ସନ୍ଦର୍ଭ ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରାଧ୍ୟାପକ ବିଭାସ ଦାସ, ହରପ୍ରସାଦ ଶତପଥୀ, ଅଧ୍ୟାପିକା ସୁନୀତାରାଣୀ ଖଣ୍ଡୁଆଳ, ହରିଶ କୁମାର ବେହେରା, ସୀମାଞ୍ଚଳ ବେହେରା ପ୍ରମୁଖ ଆଲୋଚନାଚକ୍ରରେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ପ୍ରଥମ ବର୍ଷ ଛାତ୍ରୀଛାତ୍ରଙ୍କୁ ସ୍ୱାଗତ କରାଯାଇଥିଲା।

# ପୁରୁଷରେ ଭୁବନେଶ୍ୱର, ମହିଳାରେ ବୁଗୁଡ଼ା ଚାମ୍ପିୟନ

ବୁଗୁଡ଼ା, ୨୭।୮ (କାଳିଚରଣ ଦାଶ)

ବୁଗୁଡ଼ା ପିପୁଲ୍ସ ହାଇସ୍କୁଲ ମିନି ଷ୍ଟାଡିୟମରେ ଶ୍ରୀକର ଭଞ୍ଜ କ୍ରୀଡ଼ା ଓ ସାଂସ୍କୃତିକ ପରିଷଦ ପକ୍ଷରୁ ଆୟୋଜିତ ରାଜ୍ୟସ୍ତରୀୟ ପୁରୁଷ ଓ ମହିଳା କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପୁରୁଷ ବର୍ଗରେ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମ ଦଳ ବାଲିପଦର ଦଳକୁ ୩୫–୩୪ ପଏଣ୍ଟରେ ପରାସ୍ତ କରି ଚାମ୍ପିୟନ୍ ହୋଇଥିଲା। ସେହିପରି ମହିଳା ବର୍ଗରେ ଥିବା ୭ ଦଳ ମଧ୍ୟରୁ ବୁଗୁଡା ଦଳ ୩୧–୨୭ ପଏଣ୍ଟରେ କଳିଙ୍ଗ ଷ୍ଟାଡିୟମ ଭୁବନେଶ୍ୱର ଦଳକୁ ହରାଇ ଚାମ୍ପିୟନ୍ ହୋଇଥିଲା। ମ୍ୟାଚକୁ ରେଫରି ହରିହର ବିଶ୍ୱାଳ, ଅମ୍ପାୟର ଚନ୍ଦନ ପ୍ରଧାନ ଓ ଲିପୁନା ପ୍ରଧାନ ପରିଚାଳନା କରିଥିଲେ। ସ୍କୋରର ଭାବେ ତନିଷ୍କା ମନସ୍ୱିନୀ ସାହୁ ଓ ଶିଶିର ଗୁରୁ ଏବଂ ଆସିଷ୍ଟାଣ୍ଟ ସ୍କୋରର ଭାବେ ଉର୍ମିଳା ସାହୁ ଓ ତାପସ କାଡ୍ରାକା ଦାୟିତ୍ୱ ତୁଲାଇଥିଲେ। ଟୁର୍ନାମେଣ୍ଟ ଉଦ୍‌ଯାପନୀରେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ଘୁମୁସର ସାଂଗଠନିକ ଜିଲା ଭାଜପା ଉପସଭାପତି ପ୍ରଭାକର ପଣ୍ଡା, ଯୁବମୋର୍ଚ୍ଚା ସଭାପତି ଦୀପକ ପ୍ରଧାନ, ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଗଙ୍ଗାଧର ନାୟକ, ବୁଗୁଡ଼ା ନଗର ଭାଜପା ସଭାପତି କେଦାରନାଥ ମହାରଣା ଓ ଜିଲା ସାଧାରଣ ସମ୍ପାଦକ କୃଷ୍ଣଚନ୍ଦ୍ର ମହାପାତ୍ର ଉପସ୍ଥିତ ଥିଲେ। ଏହି ଅବସରରେ ଅତିଥି ଉଭୟ ପୁରୁଷ ଓ ମହିଳା ବର୍ଗର ବିଜେତା ଓ ଉପବିଜେତା ଦଳକୁ ପୁରସ୍କୃତ କରିଥିଲେ। ପିପୁଲ୍ସ କଲେଜ କ୍ରୀଡ଼ା ଶିକ୍ଷକ କ୍ରିଷ୍ଣାରାଓ ପାତ୍ର ଟୁର୍ନାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ।

### ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ



ମନ୍ତ୍ରୀ ଚାମ୍ପିୟନ ଦଳକୁ ପୁରସ୍କୃତ କରୁଛନ୍ତି।

# ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ, ନନ୍ଦଉତ୍ସବ

ଫୁଲବାଣୀ, ୨୭।୮ (ରାକେଶ କୁମାର ରାଉତ) ଫୁଲବାଣୀ ସ୍ଥିତ ବିଜୁ କଲ୍ୟାଣ ମଣ୍ଡପରେ ଗତ ୨୧ରୁ ଚାଲିଥିବା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହୋତ୍ସବ ମଙ୍ଗଳବାର ଶେଷ ହୋଇଛି। ଶ୍ରୀପାଦ ଚକ୍ରଧର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଫିରିଙ୍ଗିଆ, (ବିମଳ ଦିଗାଲ):** ଫିରିଙ୍ଗିଆ ବ୍ଲକ ମୁଖ୍ୟାଳୟ ଓଡ଼ିଆ ସାହିରେ ଥିବା ଭଗବତ ସ୍ୱାମୀ ମନ୍ଦିରରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ମନ୍ଦିର ପରିଚାଳନା କମିଟି ସଭାପତି ଜିତେନ୍ଦ୍ର ବିଶୋୟୀଙ୍କ ତତ୍ତ୍ୱାବଧାନରେ ପ୍ରଥମ ଦିନ କଳସ ଯାତ୍ରା, ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଦ୍ୱିତୀୟ ଦିନ ନନ୍ଦ ଉତ୍ସବ ଏବଂ ଠାକୁରଙ୍କ ନଗର ଭ୍ରମଣ ହୋଇଥିଲା।

**ବାଲିଗୁଡ଼ା, (ସଞ୍ଜୟ କୁମାର ପାଣିଗ୍ରାହୀ):** ବାଲିଗୁଡ଼ା ଶିକ୍ଷା ନିକେତନ ଅନୁଷ୍ଠାନ ପକ୍ଷରୁ ପାଳନ ହୋଇଛି ନନ୍ଦୋତ୍ସବ। ବିଦ୍ୟାଳୟ ପରିସରରେ କୁନିକୁନି ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା କରାଯାଇଥିଲା।

**ଭଞ୍ଜନଗର, (ବାବୁଲା ପ୍ରଧାନ):** ଭଞ୍ଜନଗର ବ୍ଲକ ବଡ଼କୋଦଣ୍ଡା ରୋଡ଼ସ୍ଥିତ ସାଇ ରିସର୍ଟରେ ଇସ୍କନ ପକ୍ଷରୁ ଜନ୍ମାଷ୍ଟମୀ ପାଳିତ ହୋଇଛି। ଏଥିରେ ଜଳାନିଧି ହରିଦାସ ବ୍ରହ୍ମଚାରୀ ମୁଖ୍ୟ ସଂଯୋଜକ ରୂପେ ଉପସ୍ଥିତ ଥିଲେ। ଶଙ୍ଖଧର ଦାସ, ପତିତପାବନ ଦାସ, ବିଜୟ ସାହୁ, ସୁନୀଲ କର, ପ୍ରଦ୍ୟୁମ୍ନ ପ୍ରଧାନ, ସୀମାଞ୍ଚଳ ପାତ୍ର, ସୁନୀଲ ବ୍ରହ୍ମା ପରିଚାଳନା କରିଥିଲେ। ସନ୍ଧ୍ୟାରେ ଭଞ୍ଜନଗର ଟାଉନ ହଲଠାରେ ବ୍ରହ୍ମଚାରୀ ଭକ୍ତ ଶ୍ୟାମପ୍ରାଣ ଦାସ କୃଷ୍ଣ ଭକ୍ତି, କୃଷ୍ଣ ଲୀଳା ଉପରେ ପ୍ରବଚନ ଦେଇଥିଲେ। ଇସ୍କନ କେନ୍ଦ୍ର ପରିଚାଳକ ବିଶ୍ୱମ୍ବର ଦାସ ଓ ସେବାୟତ ବ୍ରହ୍ମଚାରୀ ପବନ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ହୋଇଥିଲା।

**ବାଲିପଦର, (ବିଶିକେଶନ ସ୍ୱାଇଁ):** ବାଲିପଦର ମାତୃଗିରିସ୍ଥିତ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରଠାରେ ଛାତ୍ରୀଛାତ୍ର, ଗୁରୁମା', ଗୁରୁ ଓ ଅଭିଭାବକଙ୍କୁ ନେଇ ପଥପ୍ରାନ୍ତ ନାଟକ ପବିତ୍ର ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳିତ ହୋଇଯାଇଛି। ବିଦ୍ୟାଳୟ ସଭାପତି ନାରାୟଣ ସାମନ୍ତରା, ସମ୍ପାଦିକା ନୟନୀ ମହାରଣା, ଅଧ୍ୟକ୍ଷ ଏ. ସର୍ଭିସ ଆଚାରୀ, ପରିଚାଳନା ପରିଷଦ ସଦସ୍ୟ ଜି. ସଞ୍ଜୀବ ପାତ୍ର ସହଯୋଗ କରିଥିଲେ।

**ଶେରଗଡ, (ସୂର୍ଯ୍ୟ ନାରାୟଣଦାଶ):** ଶେରଗଡର ଗ୍ରାମରେ ଜନ୍ମାଷ୍ଟମୀ ଓ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି। ସବୁ ସ୍ଥାନରେ ବାଳକୃଷ୍ଣଙ୍କ ଫଟୋ ରଖି ପୂଜାର୍ଚ୍ଚନା କରି ପିଲାମାନେ ନାଚଗୀତରେ ଗ୍ରାମ ପରିକ୍ରମା କରିଥିଲେ।

**ମୋହନା, (ମନ୍ମଥ ମିଶ୍ର)**–ମୋହନା ନୀଳକଣ୍ଠେଶ୍ୱର ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ୧୨୦ ଛାତ୍ରୀଛାତ୍ର ରାଧାକୃଷ୍ଣ ବେଶ ଧାରଣ କରି ମୋହନା ସହର ପରିକ୍ରମା କରିଥିଲେ। ମୋହନା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ପ୍ରଧାନାଚାର୍ଯ୍ୟା ଆରତୀ ପାଢ଼ୀଙ୍କ ସଂଯୋଜନାରେ ଶ୍ରୀକୃଷ୍ଣଙ୍କ ପୂଜାର୍ଚ୍ଚନା କରାଯାଇଥିଲା।

**ଆସିକା, (ସୁରେନ୍ଦ୍ର ନାଥ ସାହୁ):** ଧରାକୋଟ ତାଲୁକା ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ଆସିକା ବ୍ଲକ ଅନ୍ତର୍ଗତ ଖଡ଼ଭାଗ ଗ୍ରାମରେ ନନ୍ଦ ମହୋତ୍ସବ ପାଳିତ ହୋଇଯାଇଛି। ତାଲୁକା କାର୍ଯ୍ୟକାରୀ ସଭାପତି ଅଗାଡି ଗୌଡଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପୋଲିସ ଅଧିକାରୀ ସନ୍ତୋଷ କୁମାର ଗୌଡ ମୁଖ୍ୟଅତିଥି ଏବଂ ବଡଖେମୁଣ୍ଡି ତାଲୁକା ସଭାପତି ମନୋରଞ୍ଜନ ଗୌଡ ଓ ସାନଖେମୁଣ୍ଡି ତାଲୁକା ଉପସଭାପତି ପୀତାମ୍ବର ଗୌଡ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ତାଲୁକା ସମ୍ପାଦକ ଶ୍ରୀହର୍ଷ ଗୌଡ, କୋଷାଧ୍ୟକ୍ଷ ରମେଶ ଚନ୍ଦ୍ର ଗୌଡ ପ୍ରମୁଖ ସମାଜର ଐତିହ୍ୟ ସଂସ୍କୃତି ସମ୍ପର୍କରେ ଆଲୋଚନା କରିଥିଲେ।

**ଚକାପାଦ (ପ୍ରତାପ କିଶୋର ବେହେରା):** ଚକାପାଦ ବ୍ଲକ ବରଡିକିଆ ଗ୍ରାମରେ ୨୫ବର୍ଷ ହେଲା ଜନ୍ମାଷ୍ଟମୀ ଓ ନନ୍ଦୋତ୍ସବ ପାଳନ ହେଉଥିବା ବେଳେ ଚଳିତ ବର୍ଷ ମଧ୍ୟ ଏହି ଉତ୍ସବ ପାଳିତ ହୋଇଛି। ସଂଘ ପକ୍ଷରୁ ଦୁଇ ଦିନଧରି ନାମ, କଳସ ଯାତ୍ରା, ହୋମ ଆଦି ଅନୁଷ୍ଠିତ ହୋଇଥିଲା।

**ଆର.ଉଦୟଗିରି, (ମନୋଜ କୁମାର ପାଢୀ):** ଆର. ଉଦୟଗିରି ବ୍ଲକ ଅନ୍ତର୍ଗତ କେଏମ୍ ଭଲିଆସାହି ଉଚ୍ଚ ବିଦ୍ୟାଳୟଠାରେ ପ୍ରଧାନ ଶିକ୍ଷକ ରାମଚନ୍ଦ୍ର ଦଳବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଜନ୍ମାଷ୍ଟମୀ ଉତ୍ସବରେ ଅବସରପ୍ରାପ୍ତ ବନପାଳ ତ୍ରିନାଥ ମାଳରତ୍ନ ବିଷୋୟୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଶ୍ରୀକୃଷ୍ଣଙ୍କ ଜନ୍ମ ସମ୍ପର୍କରେ ପିଲାମାନଙ୍କୁ ବୁଝାଇଥିଲେ।

**ସଂକ୍ଷେପରେ**

## ମିଳିତ ଅଭିଯୋଗ ଶୁଣାଣି ଶିବିର

ବ୍ରହ୍ମପୁର,୨୭।୮(ସ୍ମୃତି ରଞ୍ଜନ ମହାଲିକ)

ବ୍ରହ୍ମପୁର ଉପଖଣ୍ଡସ୍ତରୀୟ ଦିବ୍ୟାଙ୍ଗ ଓ ସାଧାରଣ ଜନତାଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର ମଙ୍ଗଳବାର ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଗଞ୍ଜାମ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ମଧୁମିତା, ବ୍ରହ୍ମପୁର ଉପ ଜିଲାପାଳ ଦୀନା ଦସ୍ତଗୀର , ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅସୀମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୮ଟି ଅଭିଯୋଗ ପତ୍ର ଗ୍ରହଣ କରାଯାଇଥିଲା। ଏଥି ମଧ୍ୟରୁ ବ୍ୟକ୍ତିଗତ ଅଭିଯୋଗ ୪୬ଟି ଓ ଗ୍ରାମ ଅଭିଯୋଗ ୨ଟି ରହିଥିଲା। ଜଣଙ୍କୁ ରେଡକ୍ରସ ପାଣ୍ଠିରୁ ୨୦୦୦ ଟଙ୍କା ପ୍ରଦାନ କରାଯାଇଥିଲା। ଆବେଦନଗୁଡ଼ିକ ଶୁଣାଣି କରି ସମସ୍ତ ବିଭାଗୀୟ ଅଧିକାରୀଙ୍କୁ ପ୍ରେରଣ କରାଯାଇ ତୁରନ୍ତ ସମାଧାନ କରିବା ଦିଗରେ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ନିର୍ଦ୍ଦେଶ ଦେଇଥିଲେ । ଅଭିଯୋଗ ଶୁଣାଣି ଶିବିରରେ ଜିଲାର ସମସ୍ତ ଅଧିକାରୀ ଓ ବ୍ରହ୍ମପୁର ଉପଖଣ୍ଡର ସମସ୍ତ ବିଡିଓ, ତହସିଲଦାର ଓ ଅନେକ ଅଭିଯୋଗକାରୀ ଉପସ୍ଥିତ ଥିଲେ।

# ଖଟିରୁ ଆରମ୍ଭ ହୋଇଥିଲା ପରିବର୍ତ୍ତନ ଚିନ୍ତା

ବ୍ରହ୍ମପୁର,୨୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ଗଞ୍ଜାମ ଜିଲା କୁକୁଡାଖଣ୍ଡି ବ୍ଲକ ପାଣ୍ଡିଆଖୋଳି ଗ୍ରାମରେ ଖଟିରୁ ଆରମ୍ଭ ହୋଇଥିବା ପରିବର୍ତ୍ତନର ପରିକଳ୍ପନା ଏବେ ବ୍ୟାପକ ହେବାରେ ଲାଗିଛି। ବନୀକରଣ, ସ୍ୱାସ୍ଥ୍ୟସେବା, ଜୀବଜନ୍ତୁଙ୍କ ସୁରକ୍ଷା, ଟ୍ରାଫିକ ସମସ୍ୟାର ଦୂରୀକରଣ, ସବୁଜିମା ସୃଷ୍ଟି କରି ପରିବେଶର ସୁରକ୍ଷା ଆଦି ଦିଗରେ ଲୋକଙ୍କୁ ସଚେତନ କରି ପରିବର୍ତ୍ତନ ଆଣିବାର ନିଶା ସମସ୍ତଙ୍କୁ ଜାଗ୍ରତ କରିଛି। ୧୦ଦିନ ତଳେ ଉକ୍ତ ଗାଁରେ ଏକ ଖଟିରେ କିଛି ଲୋକ ବସି ମୋବାଇଲ ଦେଖୁଥିଲେ। ସେମାନଙ୍କୁ ବୁଝାଶୁଝା ପରେ ସେମାନେ ପରିବର୍ତ୍ତନର ସୁଅରେ ସାମିଲ ହୋଇଥିଲେ। ପରେ ଜନ୍ମ ନେଇଥିଲା ଘାଟିପାରି ବିକାଶ ପରିଷଦ। ସଭାପତି ରବୀନ୍ଦ୍ର କୁମାର ରାଉତ (ଅବସରପ୍ରାପ୍ତ ଫାର୍ମାସିଷ୍ଟ), ସମ୍ପାଦକ ଧର୍ମରାଜ ପାତ୍ର, ଲଳିତ ମୋହନ ବିଷୋୟୀ, ବଳରାମ ପାତ୍ର, କେଦାର ଖଟେଇ, ଟୁକୁନା ଖଟେଇ, ଭଗବାନ ବିଶ୍ୱାଳ, ରାମଚନ୍ଦ୍ର ମହାରଣା, ଗୋପାଳକୃଷ୍ଣ ପାଢ଼ୀ, ସୁଶାନ୍ତ ଜେନା, ଜଗନ୍ନାଥ ପାତ୍ର, କାମନା ବିଶୋଇ ପ୍ରମୁଖ ଚାରାରୋପଣ ସହ ରକ୍ତଦାନ କରି ଆରମ୍ଭ କରିଥିଲେ ନିଜର କାର୍ଯ୍ୟକ୍ରମ। ଏହି ୧୦ଦିନ ଭିତରେ ଦକ୍ଷିଣପୁର, ପାଣ୍ଡିଆ ଖୋଳି, ବଡଲଖୋଳି, ସାତପହଣ୍ଡିଆ, ନଳିହାଡ, ରୋହିଗାଁ, ବାଲିପଡା, ଟିକରପଡା ଆଦି ଗାଁକୁ ବ୍ୟାପୀ ଯାଇଛି ଏମାନଙ୍କ ପ୍ରେରଣାଦାୟୀ ପଦକ୍ଷେପ।

### ହାତରେ ପ୍ଲାକାର୍ଡ ଧରି ମହିଳା ଶିଖାଇଲେ ଟ୍ରାଫିକ ସଚେତନତା


ଦକ୍ଷିଣପୁର ନିକଟରେ ଟ୍ରାଫିକ ନିୟମ ମାନିବାକୁ ସଚେତନ କରାଯାଉଛି।

ମଙ୍ଗଳବାର ଦକ୍ଷିଣପୁରଠାରେ ମହିଳାମାନେ ଟ୍ରାଫିକ ସଚେତନତା କରିଥିଲେ। ସେମାନଙ୍କ କହିବା କଥା ହେଲା ଉକ୍ତ ଗାଁ ଦେଇ ଯାଇଛି ରାଜ୍ୟ ରାଜପଥ। ଦୁଇଦିନ ତଳେ ଦକ୍ଷିଣପୁର ଲକ୍ଷ୍ମୀନାରାୟଣ ବିଦ୍ୟାପୀଠ ନିକଟରେ ଏକ ଦୁର୍ଘଟଣା ଘଟି ଜଣେ ବୃଦ୍ଧଙ୍କ ମୃତ୍ୟୁ ସହ ଜଣେ ଶିକ୍ଷୟିତ୍ରୀ ଆହତ ହୋଇଥିଲେ। ୨୪ ଘଣ୍ଟା ନପୁରୁଣୁ ପୁଣି ଜଣେ ସ୍କୁଲ ଛାତ୍ରୀ ଆହତ ହୋଇଥିଲେ। ତେଣୁ ଟ୍ରାଫିକ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ଲାକାର୍ଡ ଧରି ମହିଳାମାନେ ରାସ୍ତାକୁ ଆସି ସଚେତନତାର ବାର୍ତ୍ତା ବାଣ୍ଟିଥିଲେ। ବିଜୟ ପାଣିଗ୍ରାହୀ ସୁରେଶ ସାହୁ, ନାରାୟଣ ଜେନା, ମନୋଜ ପାଢ଼ୀ, ସୁଦାମ ସାହୁ, ପ୍ରମୋଦ ଡାକୁଆ, ମିଥୁନ , ଗେଲୁ ସାହୁ, ଦେବ ସେଠି, ନାରାୟଣ ବେହେରା, ସିଦ୍ଧାନ୍ତ ସାହୁ, ତ୍ରିପତି ସାହୁ, ନୀଳାଞ୍ଚଳ ସାହୁ, ଶିବ ଶଙ୍କର ସାହୁ ପ୍ରମୁଖ ସହଯୋଗ କରିଥିଲେ। ମହିଳାଙ୍କ ଏତାଦୃଶ ପଦକ୍ଷେପ ପଥଚାରୀଙ୍କ ମନରେ ଏକ ପ୍ରେରଣା ଜାଗୃତ କରିଥିଲା। ସ୍କୁଲ ସମ୍ମୁଖରେ ଜେବ୍ରା କ୍ରସିଂ, ସ୍ପିଡ ବ୍ରେକର, ଚେକପୋଷ୍ଟ ପାଇଁ ଦାବି କରାଯାଇଥିଲା। ଯେତେଦିନ ପର୍ଯ୍ୟନ୍ତ ଚେକ ପୋଷ୍ଟ ହୋଇନାହିଁ ଦୁଇଜଣ ଷ୍ଟାଫ ଯୋଗାଇ ଦିଆଯିବ ବୋଲି ସଦର ଥାନା ପୋଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଥିଲା। ଏ ସଂକ୍ରାନ୍ତରେ ପରିଷଦର ସମ୍ପାଦକ ଧର୍ମରାଜ ପାତ୍ର କୁହନ୍ତି, ପୂର୍ବରୁ ଗୁଣ୍ଡୁବନ୍ଧ ଆଞ୍ଚଳିକ ପରିଷଦ ଦ୍ୱାରା ମହୁରିକାଲୁଆ, ବନ୍ଥପଲ୍ଲୀ, ଲଙ୍ଗଳଦେଇ, ସୁକୁଣ୍ଡା ଆଦି ଅଞ୍ଚଳରେ ସବୁଜିମାର ବିକାଶ ସହ ବାଇ ଚଢ଼େଇର ସୁରକ୍ଷା ପାଇଁ ବ୍ୟବସ୍ଥା କରାଯାଇଛି। ଜିଲାର ପ୍ରତି ବ୍ଲକରେ ଗୋଟିଏ ଗାଁକୁ ପୋଷ୍ୟ ଗାଁ ରୁପେ ଗ୍ରହଣ କରାଯାଇଛି। ରକ୍ତଦାନ ଶିବିର କରାଯାଇଛି। ଆଗାମୀ ଦିନରେ ପୋଖରୀ ପୁନରୁଦ୍ଧାର ସହ ଦୀପାବଳି ପର୍ବକୁ ଇକୋ ଫ୍ରେଣ୍ଡଲି ଭାବେ ପାଳନ କରାଯିବ। ଏଥି ସହିତ ଚକ୍ଷୁ ଶିବିର କରାଯାଇ ଲୋକଙ୍କୁ ସଚେତନ କରାଯିବା ଯୋଜନା ରହିଛି। ଏହି କାର୍ଯ୍ୟ ଦେଖି ଯୁବପିଢ଼ି ସାମିଲ ହେଉଥିବାରୁ ପରିଷଦର ସଭ୍ୟ ସଂଖ୍ୟା ୩୦ ଛୁଇଁଲାଣି। ବିଭିନ୍ନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବା ଲକ୍ଷ୍ୟରେ ଆଗାମୀ ଦିନରେ କାର୍ଯ୍ୟ କରାଯିବ ବୋଲି ସେ କହିଛନ୍ତି।

## ମହିଳାଙ୍କ ମୃତ୍ୟୁ: ହତ୍ୟା ଅଭିଯୋଗ ଆଣିଲେ ପରିବାର

ବ୍ରହ୍ମପୁର,୨୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ବଡ଼ବଜାର ଥାନା ରାଉତପେଟା ସାହିରେ ଥିବା ଜଣେ ମହିଳା ରୁବିତା ସାହୁ(୪୫)ଙ୍କ ସୋମବାର ରାତ୍ର ଏମକେସିଜି ମେଡିକାଲରେ ମୃତ୍ୟୁ ଘଟିଥିଲା। ପୋଲିସ ମୃତଦେହ ଜବତ କରିବା ସହ ପଞ୍ଚନାମା କରିଛି। ତାଙ୍କର ମୃତ୍ୟୁ ସନ୍ଦେହଜନକ ରହିଥିବା ବେଳେ ହତ୍ୟା ଅଭିଯୋଗ ଆଣିଛନ୍ତି ପରିବାର ଲୋକ। ରୁବିତାଙ୍କ ବିଷ ପ୍ରକ୍ରିୟାରେ ମୃତ୍ୟୁ ଘଟିଥିବା ତାଙ୍କ ସ୍ୱାମୀ ପଙ୍କଜ କୁମାର ସାହୁ କହିଥିବା ପୋଲିସ କହିଛି। ଅନ୍ୟପଟେ ଭଉଣୀଙ୍କୁ ତାଙ୍କ ସ୍ୱାମୀ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ବେଳେ ସୋମବାର ତାଙ୍କୁ ବିଷ ପିଆଇ ହତ୍ୟା କରିଛନ୍ତି ବୋଲି ମୃତ ମହିଳାଙ୍କ ଭାଇ ଶିବରାମ ସାହୁ ଥାନାରେ ଅଭିଯୋଗ କରିଛନ୍ତି। ବ୍ୟବଚ୍ଛେଦ ପରେ ମହିଳାଙ୍କ ମୃତଦେହ ପରିବାର ଲୋକଙ୍କ ଉପସ୍ଥିତିରେ ପୋଲିସ ପଙ୍କଜଙ୍କୁ ହସ୍ତାନ୍ତର କରିଛି। ପୋଲିସ ପ୍ରାଥମିକ ପର୍ଯ୍ୟାୟରେ ଏନେଇ ନଂ.୩୩/୨୪ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଥିବା କହିଛି। ପ୍ରାୟ ୧୭ ବର୍ଷ ତଳେ ଶ୍ରୀରାମନଗରର ଉଦୟନାଥ ସାହୁଙ୍କ ଝିଅ ରୁବିତାଙ୍କୁ ରାଉତପେଟା ସାହିର ପଙ୍କଜ ବିବାହ କରିଥିଲେ। ତାଙ୍କର ଦୁଇଟି ସନ୍ତାନ ରହିଛି। ପଙ୍କଜ ଏକ ଘରୋଇ ସଂସ୍ଥାରେ ଡେଲିଭରି ବୟ ଭାବେ କାମ କରନ୍ତି। ବିଭିନ୍ନ ସମୟରେ ଉଭୟ ସ୍ୱାମୀ ଓ ସ୍ତ୍ରୀ'ଙ୍କ ମଧ୍ୟରେ କଳହ ହେଉଥିଲା। ସୋମବାର ସନ୍ଧ୍ୟାରେ ରୁବିତାଙ୍କୁ ଗୁରୁତର ଅବସ୍ଥାରେ ଏମକେସିଜି ମେଡିକାଲରେ ଭର୍ତ୍ତି କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

## ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗ ପୁରାତନ ଛାତ୍ର ସଂଘର ବୈଠକ


କାର୍ଯ୍ୟକ୍ରମରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀ।

ବ୍ରହ୍ମପୁର,୨୭।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସାମ୍ବାଦିକ ଓ ଗଣ ଯୋଗାଯୋଗ ବିଭାଗରେ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶଙ୍କ ନିର୍ଦ୍ଦେଶ କ୍ରମେ ମଙ୍ଗଳବାର ପୁରାତନ ଛାତ୍ର ସଂଘର ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଭୀଗୀୟ ମୁଖ୍ୟ ଆସୋସିଏଟ ପ୍ରଫେସର ବନ୍ଦିତା କୁମାରୀ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ସଂଘର ସଭାପତି ତଥା ବିଭାଗର ଅବସରପ୍ରାପ୍ତ ଅଧ୍ୟାପକ ଜେ. ଶେଷଗିରି ରାଓ, ଉପ ସଭାପତି ପୁରାତନ ଛାତ୍ର ଡ଼. ହୃଷୀକେଶ ପାଣିଗ୍ରାହୀ ଯୋଗ ଦେଇଥିଲେ। ବୈଠକରେ ବିଭାଗର ୫୦ ବର୍ଷ ପୂର୍ତ୍ତି ଅବସରରେ ବିଭାଗର ସ୍ୱର୍ଣ୍ଣ ଜୟନ୍ତୀ ପାଳନ, ରାଜ୍ୟ ବାହାରେ ଓ ବିଦେଶରେ ରହୁଥିବା ବିଭାଗର ବହୁ ପୁରାତନ ଛାତ୍ରଙ୍କୁ ନିମନ୍ତ୍ରଣ, ସ୍ୱର୍ଣ୍ଣ ଜୟନ୍ତୀ ପାଳନ ପାଇଁ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଏବଂ ଭୁବନେଶ୍ୱରରେ ଏକ ସମ୍ମିଳନୀ କରିବା ବିଷୟରେ ଆଲୋଚନା ହୋଇଥିଲା। ବିଭାଗୀୟ ପ୍ରଫେସର ଗଣେଶ ସେଠୀଙ୍କୁ ସମ୍ପାଦକ, ଡ଼. ଚିନୁ ବହିଦାରଙ୍କୁ କୋଷାଧକ୍ଷା ଏବଂ ଡ଼. ଜୟନ୍ତ କୁମାର ପଣ୍ଡାଙ୍କୁ ସଂଘର ବାଇ ଲ ପ୍ରସ୍ତୁତି କରିବା ଦାୟିତ୍ୱ ଦିଆଯାଇଥିଲା। ସଂଘର ଛାତ୍ରୀଛାତ୍ର, ସଭ୍ୟାସଭ୍ୟ ବୃଦ୍ଧି, ବିଭାଗର ଉନ୍ନତୀକରଣ ପାଇଁ ସଭାପତି ପରାମର୍ଶ ଦେଇଥିଲେ। ଡ଼. ନେହା ପାଣ୍ଡେ, ଅଗ୍ନି ବେହେରା, ସୌରଭ ସେଠ ଓ ସଙ୍ଘ ସଭ୍ୟମାନେ ଉପସ୍ଥିତ ଥିଲେ।

## ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର


ଶିବିରରେ ଉପସ୍ଥିତ ଶିକ୍ଷୟିତ୍ରୀ ଶିକ୍ଷକ।

ବ୍ରହ୍ମପୁର,୨୭।୮(ସ୍ୱାଧୀନ ଶେଖର ପାଢ଼ୀ)

ବ୍ଲକସ୍ତରୀୟ ଶିକ୍ଷକ ପ୍ରଶିକ୍ଷଣ ଶିବିର 'ଜିଜ୍ଞାସା' ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ବ୍ରହ୍ମପୁରରେ ଅନୁଷ୍ଠିତ ହୋଇଯାଇଛି। ୩ ଦିନିଆ ଶିବିରରେ ରଙ୍ଗେଇଲୁଣ୍ଡା ବ୍ଲକର ବିଭିନ୍ନ ସରକାରୀ ହାଇସ୍କୁଲର ୫୨ ଶିକ୍ଷକ ଯୋଗଦେଇଥିଲେ । ଆକାଂକ୍ଷା ପାଠ୍ୟକ୍ରମ କ୍ଲବ ଅନ୍ତର୍ଗତ 'ଜିଜ୍ଞାସା'ରେ ବିଦ୍ୟାର୍ଥୀଙ୍କୁ ବୈଜ୍ଞାନିକ ଗବେଷଣା, ଉଦ୍ଭାବନ ଭିତ୍ତିକ ଗୁଣାତ୍ମକ ଶିକ୍ଷାଦାନ ପାଇଁ ଶିକ୍ଷୟିତ୍ରୀ ଓ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। ଏଥିରେ ତୁରାସ୍ଥିତ ନ୍ୟାସନାଲ ହାଇସ୍କୁଲର ଶିକ୍ଷୟିତ୍ରୀ ସୁଜାତା ସାହୁ ଓ କୃଷକ ନୋଡାଲ ହାଇସ୍କୁଲ ହୁଗୁଳାପଟ୍ଟାର ଶିକ୍ଷୟିତ୍ରୀ ସ୍ୱାତିଶ୍ରୀ ରଥ ମାଷ୍ଟର ଟ୍ରେନର ହିସାବରେ ଯୋଗଦେଇ ପ୍ରଶିକ୍ଷାର୍ଥୀଙ୍କୁ ପ୍ରଶିକ୍ଷଣ ଦେଇଥିଲେ। ଜିଲାରେ ଗତ ୨୨ ତାରିଖରୁ ବିଭିନ୍ନ ବ୍ଲକରେ ଏଭଳି ଶିବିର ଅନୁଷ୍ଠିତ ହୋଇଆସୁଥିବା ଜିଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରୁ ପ୍ରକାଶିତ ବିଜ୍ଞପ୍ତିରୁ ଜଣାପଡ଼ିଛି।

## ଭଞ୍ଜନଗର ଆର୍‌ସିଏମ୍‌ଏସ୍‌ର ତତ୍କାଳୀନ ସମ୍ପାଦକଙ୍କୁ ୩ ବର୍ଷ ଜେଲ

ବ୍ରହ୍ମପୁର,୨୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ମଙ୍ଗଳବାର ଏକ ସରକାରୀ ଅର୍ଥ ଆତ୍ମସାତ ମାମଲାର ଚୂଡାନ୍ତ ରାୟ ୧୬ବର୍ଷ ପରେ ପ୍ରକାଶ କରିଛନ୍ତି। ଭଞ୍ଜନଗର ଆର୍‌ସିଏମ୍‌ଏସ୍ (ରିଜିଓନାଲ କୋ- ଅପରେଟିଭ ମାର୍କେଟିଂ ସୋସାଇଟି)ର ତତ୍କାଳୀନ ସମ୍ପାଦକଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ସେ ହେଲେ ଗାଙ୍ଗପୁର ଥାନା କେ. ନୂଆଗଡର ସନ୍ତୋଷ ମହାରଣା(୪୮)। ତାଙ୍କୁ ୩ ବର୍ଷ ଜେଲ ଦଣ୍ଡ ସହ ୨୫ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦାୟ ଅତିରିକ୍ତ ୬ ମାସ ଜେଲ ଦଣ୍ଡ ଭୋଗିବାକୁ ଜଜ୍ ରାୟରେ ଉଲ୍ଲେଖ କରିଛନ୍ତି । ପ୍ରମାଣ ଅଭାବରୁ ଏହି ମାମଲାରେ ଅଭିଯୁକ୍ତ ଥିବା ଆରସିଏମଏସର ତତ୍କାଳୀନ ସଭାପତି କେ. ରବୀନ୍ଦ୍ର କୁମାର ପାତ୍ର(୪୭) ଓ ଠିକାଦାର ଗୋସାଇଁନୂଆଗାଁର ଦେବରାଜ ଚୌଧୁରୀ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି। ୨୦୦୭-୦୮ ଆର୍ଥିକ ବର୍ଷରେ ସନ୍ତୋଷ ଭଞ୍ଜନଗର ଆର୍‌ସିଏମ୍‌ଏସ୍‌ର ସମ୍ପାଦକ ଥିଲେ। ସେତେବେଳେ ଗାଙ୍ଗପୁର ଅଞ୍ଚଳ ପାଇଲିପଡାର ରବୀନ୍ଦ୍ର ସଭାପତି ଥିଲେ। ଏହି ସମୟରେ ଆର୍‌ସିଏମଏସ ନାଁରେ ବ୍ରହ୍ମପୁର ରେଳଷ୍ଟେସନ ନିକଟରେ ୦.୩୫୩ ଡିସିମିଲର ଏକ ବାସପୋଯୋଗୀ ଜମି ଥିଲା । ତାହା ବିକିବାକୁ ଆରସିଏମଏସର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ହୋଇଥିଲା। ଜମି ବିକ୍ରି ପାଇଁ ଟେଣ୍ଡର ଆହ୍ୱାନ କରାଯାଇଥିଲା। ଭୁବନେଶ୍ୱର ସ୍ଥିତ କୋ-ଅପରେଟିଭ ସୋସାଇଟି ମୁଖ୍ୟ କାର୍ଯ୍ୟାଳୟ ପକ୍ଷରୁ ସରକାରୀ ନିୟମ ମୁତାବକ ଜମି ବିକ୍ରି କରିବାକୁ କୁହାଯାଇଥିଲା। ଠିକାଦାର ଦେବରାଜ ଚୌଧୁରୀ ଟେଣ୍ଡର ହାତେଇବା ସହ ୪.୬୦ ଲକ୍ଷ ଟଙ୍କାରେ ଉକ୍ତ ଜମି କିଣିଥିଲେ । ସଭାପତି ଓ ସମ୍ପାଦକ ମିଳିତ ଭାବେ ଠିକାଦାରଙ୍କୁ ଅନୁକମ୍ପା ଦେଖାଇ ବେଞ୍ଚମାର୍କ ମୂଲ୍ୟ ଠାରୁ କମ ଟଙ୍କାରେ ଜମି ବିକ୍ରି କରିଥିବା ଭିଜିଲାନ୍ସରେ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ ଟିମ୍ ପକ୍ଷରୁ ତଦନ୍ତ କରାଯାଇ ୨୦୧୩ ଜାନୁଆରୀ ୫ ତାରିଖରେ ଏ ନେଇ ନଂ.୧/୧୩ ଏକ ମାମଲା ରୁଜୁ ହୋଇଥିଲା । ସଭାପତି ଓ ସମ୍ପାଦକ ନାଁରେ ସରକାରୀ ଅର୍ଥ ଆତ୍ମସାତ ଅଭିଯୋଗରେ ମାମଲା ରୁଜୁ ହେବା ସହ ଠିକାଦାରଙ୍କ ନାଁରେ ଷଡଯନ୍ତ୍ର ଅଭିଯୋଗରେ ମାମଲା ରୁଜୁ ହୋଇଥିଲା। ଭିଜିଲାନ୍ସର ତତକାଳୀନ ଇନ୍ସପେକ୍ଟର ଏସ.କେ.ସାମନ୍ତରା ତଦନ୍ତ କରିଥିଲେ। ତଦନ୍ତ ବେଳେ ଏହି ଜମି ବିକ୍ରି ବାବାଦକୁ ୧୯ ଲକ୍ଷ ୪୯ ହଜାର ୪୬୦ ଟଙ୍କାର ସରକାରୀ ଅର୍ଥ କ୍ଷତି ହୋଇଥିବା ଜଣାପଡିଥିଲା। ମାମଲାର ବିଚାର ବେଳେ କୋର୍ଟରେ ୧୫ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇ ପ୍ରମାଣ ମିଳିଥିବାରୁ ଜଜ୍ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

### ଅନୁକମ୍ପା ଦେଖାଇ ସରକାରୀ ଅର୍ଥ ଆତ୍ମସାତ ମାମଲା

## ଷୋହଳ ଖଣ୍ଡ ଗୋପାଳ ସମାଜ ପକ୍ଷରୁ ନନ୍ଦୋତ୍ସବ

ବ୍ରହ୍ମପୁର,୨୭।୮(ସ୍ମୃତି ରଞ୍ଜନ ମହାଲିକ)

ଷୋହଳ ଖଣ୍ଡ ଗୋପାଳ ସମାଜ ମହାନଗର ତାଲୁକା ପକ୍ଷରୁ ମଙ୍ଗଳବାର ଗୋଷାଣୀନୂଆଗାଁ ଚାଚା ନେହେରୁ କ୍ଲବ ଠାରେ ନନ୍ଦ ଉତ୍ସବ ପାଳିତ ହୋଇଯାଇଛି । ମୁଖ୍ୟ ଅତିଥି ରୂପେ ସଂଘର ଜିଲା ସଭାପତି ନନ୍ଦ କିଶୋର ମହାକୁଡ, ସମ୍ମାନିତ ଅତିଥି ରୂପେ ଡ ପ୍ରଫୁଲ ଚନ୍ଦ୍ର ଗୌଡ଼,ଡ ସୂର୍ଯ୍ୟ ନାରାୟଣ ଗୌଡ଼,ଡ ପରେଶ କୁମାର ଗୌଡ଼ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ରୂପେ ଧ୍ରୁବା ଗୌଡ଼ କାର୍ଯ୍ୟକାରୀ ସଭାପତି, ସଂସ୍କୃତି ଓ କ୍ରୀଡ଼ା ଅଧ୍ୟକ୍ଷ ରମେଶ ମହାକୁଡ଼, ସହ ସଂପାଦକ ବିଜୟ କୁମାର ଗୌଡ଼,ନରସିଂହ ଗୌଡ଼, କୋଷଧ୍ୟକ୍ଷ ଅରୁଣ କୁମାର ଗୌଡ ଉପସ୍ଥିତ ଥିଲେ । କୃଷ୍ଣ ଓ ବଳରାମ ବେଶରେ ଦହି ହାଣ୍ଡି ଓ ପରେ ଫଗୁ ହାଣ୍ଡି ଭାଙ୍ଗାଯାଇଥିଲା । କୃଷ୍ଣଙ୍କ ପ୍ରତିମୂର୍ତ୍ତିକୁ ପୂଜାର୍ଚ୍ଚନା ଓ ହୋମୋ ଯଜ୍ଞ କରାଯାଇଥିଲା। ଏଥିସହ ମେଧାବୀ ଛାତ୍ରୀଛାତ୍ର ଓ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ହାସଲ କରିଥିବା ପ୍ରତିଭାଧାରୀଙ୍କୁ ସମ୍ମାନିତ କରାଯାଇଥିଲା। ଜିଲାର ବିଭିନ୍ନ ତାଲୁକାର କର୍ମକର୍ତ୍ତା ମାନେ ଯୋଗଦେଇଥିଲେ। ତାଲୁକା ସମ୍ପାଦକ କବିରାଜ ଗୌଡ଼ ପରିଚାଳନାରେ ସହଯୋଗ କରିଥିଲେ।

## ନକଲି କାଗଜପତ୍ରରେ ଗାଡ଼ି ବିକ୍ରି ଅଭିଯୋଗ

ବ୍ରହ୍ମପୁର,୨୭।୮(ସୁବାସ ଚନ୍ଦ୍ର ପାଢ଼ୀ)

ବ୍ରହ୍ମପୁରର ଜଣେ ସେକେଣ୍ଡ ହ୍ୟାଣ୍ଡ କାର ସୋ'ରୁମ ମାଲିକ ଜଣେ ବ୍ୟକ୍ତିଙ୍କ ନାମରେ ଥିବା ଏକ ବୋଲେରୋ ଗାଡିକୁ ନକଲି କାଗଜପତ୍ର ଜରିଆରେ ବିକ୍ରି କରିଥିବା ଅଭିଯୋଗ ହୋଇଛି। ଏ ନେଇ ଟାଉନ ଥାନାରେ ଏକ ମାମଲା ରୁଜୁ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଛି । ଗଞ୍ଜାମ ଥାନା ଦୁର୍ଗାଦେବୀ ସାହିର ପ୍ରେମ ସାହୁ ଗତବର୍ଷ ନିଜ ବାପା ସ୍ୱର୍ଗତ ବିଜୟ କୁମାର ସାହୁଙ୍କ ନାମରେ ଥିବା ବୋଲେରୋ ଗାଡିର ମରାମତି ଓ ବିକ୍ରି କରିବାକୁ ବ୍ରହ୍ମପୁର ରାମଲିଙ୍ଗେଶ୍ୱର ପାର୍କ ନିକଟରେ ଥିବା ଏକ ସେକେଣ୍ଡ ହ୍ୟାଣ୍ଡ ଗାଡି ସୋରୁମକୁ ଦେଇଥିଲେ। ଏ ନେଇ ଉଭୟ ପକ୍ଷ ମଧ୍ୟରେ ଏକ ଷ୍ଟାମ୍ପ ପେପରରେ ୪.୪୦ ଲକ୍ଷ ଟଙ୍କାର ଚୁକ୍ତି ହୋଇଥିଲା। ଅଗ୍ରୀମ ଟଙ୍କା ବାବଦକୁ ପ୍ରେମ ସାହୁ ସୋ'ରୁମ ମାଲିକଙ୍କ ଠାରୁ ୩.୪୦ଲକ୍ଷ ଟଙ୍କା ପାଇଥିଲେ। ଗାଡି ବିକ୍ରି ପରେ ଅବଶିଷ୍ଟ ୧ ଲକ୍ଷ ଟଙ୍କା ଦେବେ ବୋଲି ଚୁକ୍ତିରେ ଉଲ୍ଲେଖ ଥିଲା । ପରବର୍ତ୍ତୀ ସମୟରେ ସୋ'ରୁମ ମାଲିକ ଜଣଙ୍କ ନକଲି ଆଧାର କାର୍ଡ, ଗାଡିର ନକଲି କାଗଜପତ୍ର ପ୍ରସ୍ତୁତ କରି ଅନୁଗୁଳ ଆରଟିଓରେ ଜମା କରି ଉକ୍ତ ଗାଡିକୁ ସୁନ୍ଦରଗଡ ଜିଲାର ଜଣେ ବ୍ୟକ୍ତିଙ୍କୁ ବିକ୍ରି କରିଦେଇଥିବା ପ୍ରେମ ସୂଚନା ଆଇନ ଅଧିକାର ବଳରେ ଜାଣିବାକୁ ପାଇଥିଲେ। ଏ ନେଇ ପ୍ରେମ ଉକ୍ତ ସୋ'ରୁମକୁ ଯାଇ ଏହାର ମାଲିକଙ୍କୁ ଗାଡି ବିକ୍ରି ବିଷୟରେ ପଚାରିବାରୁ ସେ ତାଙ୍କୁ ଗାଳିଗୁଲଜ କରିବା ସହ ଧମକ ଦେଇଥିଲେ । ଘଟଣାକୁ ନେଇ ପ୍ରେମ ଟାଉନ ଥାନାରେ ଅଭିଯୋଗ କରିବା ସହ ଉକ୍ତ ଗାଡିର ନକଲି ରେଜିଷ୍ଟ୍ରେସନକୁ ରଦ୍ଦ କରିବାକୁ ସେ ଅନୁରୋଧ କରିଛନ୍ତି ।

## ଗଞ୍ଜାମ ଜିଲା କ୍ରୀଡ଼ା ସଂଘର ନିର୍ବାଚନ ପ୍ରସ୍ତୁତି



ପ୍ରାର୍ଥୀମାନେ ନାମାଙ୍କନ ଦାଖଲ କରୁଛନ୍ତି।

ବ୍ରହ୍ମପୁର,୨୭।୮(ସ୍ୱାଧୀନ ଶେଖର ପାଢ଼ୀ)

ଗଞ୍ଜାମ ଜିଲା କ୍ରୀଡା ସଙ୍ଘର ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଛି। ଏଥିପାଇଁ ମଙ୍ଗଳବାର ନାମାଙ୍କନ ଦାଖଲ କାର୍ଯ୍ୟକ୍ରମ ବ୍ରହ୍ମପୁର ଉପଜିଲ୍ଲାପାଳ ଅଫିସ ଠାରେ ଅନୁଷ୍ଠିତ ହୋଇଯାଇଛି। ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ ଯାଏଁ ବ୍ରହ୍ମପୁର ଉପଜିଲାପାଳ, ତହସିଲଦାର ଓ ଜିଲା କ୍ରୀଡା ଅଧିକାରୀଙ୍କ ଉପସ୍ଥିତରେ ବନ୍ଦ ଲଫାଫାରେ ଆଶାୟୀ ପ୍ରାର୍ଥୀ ନିଜ ନିଜ ପ୍ରାର୍ଥିପତ୍ର ଦାଖଲ କରିଥିଲେ। ୨୮ରେ ପ୍ରାର୍ଥିପତ୍ର ଯାଞ୍ଚ କରାଯିବ। ୩୦ରେ ପ୍ରାର୍ଥିପତ୍ର ପ୍ରତ୍ୟାହାର ପରେ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ସେପ୍ଟେମ୍ବର ପହିଲାରେ ନିର୍ବାଚନ ଓ ଫଳାଫଳ ଘୋଷଣା ହେବା ନେଇ ପ୍ରକାଶିତ ବିଜ୍ଞପ୍ତିରୁ ସୂଚନା ମିଳିଛି। ବ୍ରହ୍ମପୁର ଅତିରିକ୍ତ ଉପଜିଲାପାଳ ଗୌରବମୟ ପ୍ରଧାନଙ୍କୁ ନିର୍ବାଚନ ପରିଚାଳନା ପାଇଁ ଜିଲାପାଳ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି।

## ସ୍ୱାୟତ୍ତ ଶାସନ ଦିବସ ପାଇଁ ବିଭିନ୍ନ ପ୍ରତିଯୋଗିତା


ଉପସ୍ଥିତ ମେୟର ଓ ଅନ୍ୟମାନେ।

ବ୍ରହ୍ମପୁର,୨୭।୮(ସ୍ମୃତି ରଞ୍ଜନ ମହାଲିକ)

ସ୍ୱାୟତ୍ତ ଶାସନ ଦିବସ ପାଇଁ ମଙ୍ଗଳବାର ବ୍ରହ୍ମପୁର ମହାନଗର ନିଗମ (ବିଇଏମ୍‌ସି) ବିଭିନ୍ନ ପ୍ରତିଯୋଗିତା କରିଛି। ଆସନ୍ତା ୨୯ ତାରିଖ ଯାଏଁ ଏହା ଅନୁଷ୍ଠିତ ହେବ। ବିଇଏମସି ସମ୍ମିଳନୀ କକ୍ଷରେ ପ୍ରବନ୍ଧ, ବକ୍ତୃତା, ସଂଗୀତ ଓ ଚିତ୍ରାଙ୍କନ ପ୍ରତିଯୋଗିତା ହୋଇଥିଲା। ଏଥିରେ ମହାନଗରର ବିଭିନ୍ନ ସ୍କୁଲ ଛାତ୍ରୀଛାତ୍ର ସାମିଲ ଥିଲେ। ସଂଗୀତ ପ୍ରତିଯୋଗିତାରେ କନିଷ୍ଠ ବିଭାଗରେ ୧୨ ଓ ବରିଷ୍ଠ ବିଭାଗରେ ୧୭ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଇଂରାଜୀ ଏବଂ ଓଡିଆ ପ୍ରବନ୍ଧ ପ୍ରତିଯୋଗିତାରେ କନିଷ୍ଠ ଓ ବରିଷ୍ଠ ମିଶାଇ ୧୭ ଜଣ, ଇଂରାଜୀ ଏବଂ ଓଡିଆ ବକ୍ତୃତା ପ୍ରତିଯୋଗିତାରେ ୧୧ ପ୍ରତିଯୋଗୀ ଭାଗ ନେଇଥିଲେ। ବିଇଏମସି ମେୟର ସଂଘମିତ୍ରା ଦଳେଇ ଓ କମିଶନର ଭବାନୀ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। କାମରାଜୁ ମହାରଣା, ପ୍ରଶାନ୍ତ କୁମାର ସାବତ, ରମେଶ ଚନ୍ଦ୍ର ପ୍ରଧାନ, ଡ ପ୍ରଦୀପ କୁମାର ସାହୁ, ବିଶ୍ୱଜିତ ମିଶ୍ର ଓ କେ ରମେଶ ରେଡି ପ୍ରମୁଖ ବିଚାରକ ଥିଲେ ଥିଲେ। ଡେପୁଟି ମେୟର ଇ ବିବେକ ରେଡ୍ଡୀ ଓ କର୍ପୋରେଟର ସୁରେନ୍ଦ୍ର କୁମାର ମହାରଣା ସହଯୋଗ କରିଥିଲେ। ଅପରାହ୍ନରେ ସ୍ପୋର୍ଟସ ଏରେନାଠାରେ କମିଶନର ବନାମ ମେୟର ଟିମ ମଧ୍ୟରେ କବାଡ଼ି ପ୍ରତିଯୋଗିତା ହୋଇଥିଲା। ସେହିପରି ପୁରୁଷ ଓ ମହିଳା ବ୍ୟାଡମିଣ୍ଟନ, ବଲ ଫିଙ୍ଗା ଭଳି ପ୍ରତିଯୋଗିତା ହୋଇଥିଲା। ବୁଧବାର ମହାତ୍ମା ଗାନ୍ଧୀ ଷ୍ଟାଡିୟମଠାରେ କର୍ପୋରେଶନ ଟିମ ଓ ଗଣମାଧ୍ୟମ ଟିମ ମଧ୍ୟରେ କ୍ରିକେଟ ମ୍ୟାଚ, ରଙ୍ଗୋଲି, ଅନ୍ତାକ୍ଷରୀ ଓ ଗ୍ରୁପଗ୍ରୁପ ପ୍ରତିଯୋଗିତା ହେବ ବୋଲି ସୂଚନା ମିଳିଛି।

## ଅନ୍ଧତ୍ୱ ନିରାକରଣ ପାଇଁ ଚକ୍ଷୁଦାନ ନିତାନ୍ତ ଆବଶ୍ୟକ

ବ୍ରହ୍ମପୁର,୨୭।୮(ସୁବାସ ଚନ୍ଦ୍ର ପାଢ଼ୀ)



ଚକ୍ଷୁଦାନ ପାଇଁ ସଚେତନ କରାଯାଉଛି।

ଅନ୍ଧତ୍ୱ ନିରାକରଣ ପାଇଁ ଚକ୍ଷୁଦାନ ନିତାନ୍ତ ଆବଶ୍ୟକ। ଏହାକୁ ହୃଦୟଙ୍ଗମ କରି ସ୍ୱାସ୍ଥ୍ୟ, ଶିକ୍ଷା, ପରିବେଶ ପାଇଁ କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଂଗଠନ ଫ୍ରେଣ୍ଡସ ହେଲପିଙ୍ଗ କ୍ଲବ ଜାତୀୟ ଚକ୍ଷୁ ଦାନ ପକ୍ଷ ପାଳନ କରିଛି। ଗତ ୨୫ରୁ ଆରମ୍ଭ ଏହି ପକ୍ଷ ଆସନ୍ତା ମାସ ୮ ଯାଏଁ ପାଳନ କରାଯିବ। ପ୍ରଥମ ଦିବସରେ କ୍ଲବ ସଦସ୍ୟଙ୍କ ଦ୍ୱାରା ଆସିକାନିବାସୀ ପ୍ରମିଳା ସେନାପତିଙ୍କ ମୃତ୍ୟୁପରେ ବଡ ମେଡିକାଲ ଚକ୍ଷୁବିଭାଗକୁ ଚକ୍ଷୁଦାନ କରାଯାଇଥିଲା। ଏଥିପାଇଁ ସାମାଜିକ ସଚେତନତା ନିମନ୍ତେ ପ୍ରଚାର ପତ୍ର ଓ ସ୍ୱୀକୃତିପତ୍ର ମଧ ଉନ୍ମୋଚିତ ହୋଇଥିଲା। ଦ୍ୱିତୀୟ ଦିବସରେ ରାମଲିଙ୍ଗେଶ୍ୱର ପାର୍କଠାରେ ପଥପ୍ରାନ୍ତ ସଭା ଓ ପଦଯାତ୍ରା କରାଯାଇ ଚକ୍ଷୁଦାନ ସମ୍ପର୍କରେ ସଚେତନ କରାଯାଇଥିଲା । ମଙ୍ଗଳବାର ତୃତୀୟ ଦିବସରେ କ୍ଲବ ପରିସରରୁ ଏସଏନଟି ରୋଡ, ଅର୍ବାନ ବ୍ୟାଙ୍କ ରୋଡ, ଅନ୍ନପୂର୍ଣ୍ଣା ବଜାର ଦେଇ ପଦଯାତ୍ରା କରାଯାଇଥିଲା। ଗିରିଜା ଛକ, ଅନ୍ନପୂର୍ଣ୍ଣା ବଜାର ଛକ, ପାର୍କସାହି ଛକରେ ପଥପ୍ରାନ୍ତ ସଭା କରାଯାଇ ସଚେତନତା ସୃଷ୍ଟି କରାଯାଇଛି। ମୃତ୍ୟୁର ୬ ଘଣ୍ଟା ମଧ୍ୟରେ ଆଖିର ସ୍ୱଚ୍ଛ ପଟଳକୁ ହିଁ ତାଲିମପ୍ରାପ୍ତ ଡାକ୍ତରଙ୍କ ଦ୍ୱାରା ସଂଗ୍ରହ କରଯାଏ। ତେଣୁ ମୃତ୍ୟୁ ପରେ ଚକ୍ଷୁଦାତାଙ୍କ ଦୁଇଆଖିକୁ ଓଦା ରଖିବାକୁ ପଡିଥାଏ। ସଛପଟଳ ୧୫ ମିନିଟ ମଧ୍ୟରେ ସଂଗ୍ରହ ପରେ ସୁରକ୍ଷିତ ରଖାଯାଏ ଓ ୭ ଦିନ ମଧ୍ୟରେ ଦୃଷ୍ଟଶକ୍ତିବାଧିତ ବ୍ୟକ୍ତିଙ୍କଠାରେ ପ୍ରତିରୋପଣ କରାଯାଏ ବୋଲି କୁହାଯାଇଛି। କାର୍ଯ୍ୟକ୍ରମର ଅଧ୍ୟକ୍ଷ ବି.ଲକ୍ଷ୍ମୀନାରାୟଣ ପାତ୍ର, ସଭାପତି ଏମ.ବିଦ୍ୟାସଗାର, ସମ୍ପାଦକ ସତ୍ୟକାମ ପାତ୍ର, କୋଷାଧକ୍ଷ ପି.କିରଣ କୁମାର, ପୂର୍ବତନ ସଭାପତି ଇ.ଟି.ରାଓ, ପ୍ରଶାନ୍ତ କୁମାର ପାତ୍ର, ଜମୁଲା ସୁରେଶ, ଭି.ଭି.ରାଜୁ, କେ.ପୁରୁଷୋତ୍ତମ ସୁବୁଦ୍ଧି, କେ.ନନ୍ଦେଷ୍ଟୁ ସେନାପତି, ଇ.ଡି.ପାତ୍ର, ସି.ଏଚ ପ୍ରସାଦ ରାଓ, ଇ.ଜଗଦୀଶ୍ୱର ରାଓ, ଜଗଦୀଶ ବୋଷ, ଶ୍ରୀକାନ୍ତ ସେନାପତି, ଡ଼ା.ଶେଷକର ରାଓ ପ୍ରମୁଖ ଯୋଗଦେଇଥିଲେ ।

## ସୁଭଦ୍ରା ଯୋଜନା ସମ୍ପର୍କିତ ତାଲିମ

ଛତ୍ରପୁର,୨୭।୮(ଦିଲ୍ଲୀପ ସାମଲ): ସୁଭଦ୍ରା ଯୋଜନା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଏସ୍‌ଓପି ଜାରି ହୋଇସାରିଛି। ସୁଭଦ୍ରା ଯୋଜନାର ଆବେଦନ ପ୍ରକ୍ରିୟା ଯେପରି ସୁରୁଖୁରରେ ସମ୍ପାଦନ କରାଯାଇପାରିବ ସେ ନେଇ ମଙ୍ଗଳବାର ଛତ୍ରପୁର ବ୍ଲକ ସମ୍ମିଳନୀ କକ୍ଷରେ ଏକ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଛତ୍ରପୁର ବ୍ଲକର ବିଭିନ୍ନ ସ୍ଥାନରେ ଥିବା ମୋ ସେବା କେନ୍ଦ୍ରରେ ଏହା ଆବେଦନ ହେବାକୁ ଥିବାବେଳେ ମୋ ସେବା କେନ୍ଦ୍ରର ସଦସ୍ୟମାନଙ୍କୁ ତାଲିମ ପ୍ରଦାନ କରାଯାଇଥିଲା । ଆବେଦନ ପ୍ରକ୍ରିୟା ଆରମ୍ଭ ହେଲେ ଯେପରି ସୁରୁଖୁରରେ ନିର୍ଭୁଲ ଭାବେ ଆବେଦନ କରାଯାଇପାରିବ ସେ ନେଇ ମୋ ସେବା କେନ୍ଦ୍ରର ଗଞ୍ଜାମ ଜିଲା ମ୍ୟାନେଜର ସରୋଜ କୁମାର ପାଢ଼ୀ ମୋ ସେବା କେନ୍ଦ୍ରର ସଦସ୍ୟମାନଙ୍କୁ ତାଲିମ ଦେଇଥିଲେ।

## ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା

ଛତ୍ରପୁର,୨୭।୮(ଦିଲ୍ଲୀପ ସାମଲ): ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନକୁ ନେଇ ଛତ୍ରପୁର ବ୍ଲକସ୍ତରୀୟ କୁଇଜ୍ ପ୍ରତିଯୋଗିତା ମଙ୍ଗଳବାର ରିକାପଲ୍ଲୀସ୍ଥିତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଯାଇଛି । ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ଓ ସମଗ୍ର ଶିକ୍ଷା ଅଭିଯାନର ମିଳିତ ଆନୁକୂଲ୍ୟରେ ହୋଇଥିବା ଏହି ପ୍ରତିଯୋଗିତାରେ ବ୍ଲକର ୧୨୮ ଟି ବିଦ୍ୟାଳୟର ୩୦୦ ଜଣ ଛାତ୍ରୀଛାତ୍ର ଏହି ପ୍ରତିଯୋଗିତାରେ ଭାଗ ନେଇଥିଲେ। ଜୁନିଅର, ସବ ଜୁନିଅର ଓ ସିନିଅର ବର୍ଗରେ ପ୍ରତିଯୋଗିତା ହୋଇଥିଲା।। ଛତ୍ରପୁର ଗୋଷ୍ଠୀ ଶିକ୍ଷାଧିକାରୀ ସୀତାରାମ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପୁରସ୍କାର ବଣ୍ଟନ କାର୍ଯ୍ୟକ୍ରମରେ ସମଗ୍ର ଶିକ୍ଷା ଅଭିଯାନର ଶୈକ୍ଷିକ ସଂଯୋଜକ ସନ୍ତୋଷ କୁମାର ପଣ୍ଡା, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ସଂଯୁକ୍ତା ରଥ ଓ ନମିତା ରାଉତ, ଜିଲା ଶିକ୍ଷା ସଂସ୍ଥାନର ଶିକ୍ଷୟିତ୍ରୀ ଲିପିଶ୍ରୀ ଦେବୀ, ଛତ୍ରପୁର ବାଳିକା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦ୍ୱାରିକା ନାଥ ବେହେରା, ରିକାପଲ୍ଲୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ରିତା ରଥ ପ୍ରମୁଖ ଯୋଗ ଦେଇ କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ପ୍ରଥମ ସ୍ଥାନ ଅଧିକାର କରିଥିବା ପ୍ରତିଯୋଗୀମାନେ ଜିଲାସ୍ତରୀୟ ରାଷ୍ଟ୍ରୀୟ ଆବିଷ୍କାର ଅଭିଯାନ କୁଇଜ ପ୍ରତିଯୋଗିତାରେ ଭାଗ ନେବେ ବୋଲି ବ୍ଲକ ଶିକ୍ଷାଧିକାରୀ ପାତ୍ର ସୂଚନା ଦେଇଛନ୍ତି।

## ଡିଜିଟାଲ ଫସଲ ସର୍ବେକ୍ଷଣ କାର୍ଯ୍ୟକ୍ରମ

ଆସିକା,୨୭।୮(ସୁରେନ୍ଦ୍ର ନାଥ ସାହୁ): ଆସିକା ପଞ୍ଚାୟତ ସମିତି ସଭା ଗୃହରେ ମଙ୍ଗଳବାର ବ୍ଲକସ୍ତରୀୟ ଡିଜିଟାଲ ଫସଲ ସର୍ବେକ୍ଷଣ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଡିଓ ଫକୀର ଚରଣ ପରିଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ, ଆସିକା ବିଧାୟକଙ୍କ ପ୍ରତିନିଧି ସମ୍ପିତ ପାଢୀ, ବିଜୟ ସ୍ୱାଇଁ, ବ୍ଲକ କୃଷି ଅଧିକାରୀ ବାସୁଦେବ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଚଳିତ ଖରିଫ ଋତୁରେ ଚାଷୀମାନଙ୍କ ଦ୍ୱାରା କରାଯାଇଥିବା ଧାନ, ଆଖୁ, ପନିପରିବା, ମକା, ନିଳଗିରି ଏବଂ ଖାଲି ପଡିଥିବା ଚାଷ ଜମିକୁ ମୋବାଇଲ ଇ-ଚାଷ ଆପରେ ଡିଜିଟାଲ ସର୍ଭେ କରିବାକୁ ସଚେତନ କରାଯାଇଥିଲା । ବ୍ଲକର ୨୭ଟି ପଞ୍ଚାୟତରେ ଥିବା ବିଭିନ୍ନ ଗ୍ରାମରେ ଖରିଫ ଚାଷ ସମ୍ବନ୍ଧୀୟ ତଥ୍ୟ ନିର୍ଭୁଲ ଭାବେ ସର୍ଭେ କରିବାକୁ ଗୁରୁତ୍ୱାରୋପ କରାଯାଇଥିଲା।

# ସୋରଡ଼ା ବାଳିକା ଉଚ୍ଚ ବିଦ୍ୟାଳୟରେ ଅସ୍ୱାସ୍ଥ୍ୟକର ପରିବେଶ

ସୋରଡ଼ା,୨୭।୮(ରଜନୀ ମହାପାତ୍ର)


ସୋରଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ସାନିଟାରି ନାପକିନ୍ ଗଦା ହୋଇଛି।

■ ଅଦରକାରୀ ହୋଇପଡ଼ିଛି ଖୁସି ଯୋଜନାର ନାପକିନ୍

ଓଡ଼ିଶା ରାଜ୍ୟ ସରକାର ଝିଅମାନଙ୍କ ମାସିକ ଋତୁସ୍ରାବ ଜନିତ ସମସ୍ୟାରୁ ନିଜକୁ ସୁରକ୍ଷିତ ରଖିବା ପାଇଁ ଖୁସି ଯୋଜନା ଆରମ୍ଭ କରିଥିଲେ। ଜାତୀୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରାଳୟର ଏକ ସର୍ଭେରେ ଜଣାପଡ଼ିଥିଲା ଯେ ଓଡ଼ିଶାରେ ପାଖାପାଖି ୫୩ ପ୍ରତିଶତ ମହିଳା ଓ ବାଳିକା ଅସୁରକ୍ଷିତ ସାନିଟାରି ନାପକିନ୍ ବ୍ୟବହାର କରୁଛନ୍ତି, ଯାହା ଏକ ଅଦୃଶ୍ୟ ସ୍ୱାସ୍ଥ୍ୟ ସମସ୍ୟା ପ୍ରତି ସମସ୍ତଙ୍କୁ ନିମନ୍ତ୍ରଣ କରୁଛି। ଏହାକୁ ଦୃଷ୍ଟିରେ ରଖି ୨୦୧୮ରେ ଓଡ଼ିଶାରେ ଖୁସି ଯୋଜନା ଆରମ୍ଭ କରାଯାଇଥିଲା ଏବଂ ରାଜ୍ୟରେ ଷଷ୍ଠ ଶ୍ରେଣୀରୁ ଦ୍ୱାଦଶ ଶ୍ରେଣୀ ମଧ୍ୟରେ ପଢୁଥିବା ପ୍ରାୟ ୧୭ ଲକ୍ଷରୁ ଉର୍ଦ୍ଧ୍ୱ ବାଳିକାଙ୍କୁ ଏହି ଯୋଜନା ମାଧ୍ୟମରେ ମାଗଣା ସାନିଟାରି ନାପକିନ୍ ଦେବାର ବ୍ୟବସ୍ଥା କରିଥିଲେ। ବର୍ତ୍ତମାନ ଏହି ଯୋଜନା କିପରି ବାଟବଣା ହେଉଛି ତାହା ସୋରଡାରେ ଦେଖିବାକୁ ମିଳିଛି। ସୋରଡ଼ା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି ଯୋଜନାରେ ଆସିଥିବା ସାନିଟାରି ନାପକିନ କୁଢ଼ କୁଢ଼ ଗଦା ହୋଇ ରହିଛି। କିପରି ସରକାରୀ ଯୋଜନାକୁ ଏଠି ବାଟବଣା କରାଯାଇ ପିଲାଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସହ ଏଠାକାର ଅଧିକାରୀମାନେ କାମ କରୁଛନ୍ତି ତାହା ଦେଖିବାକୁ ମିଳୁଛି। ଏହି ବିଦ୍ୟାଳୟରେ ବାଳିକାଙ୍କ ପାଇଁ ଉଦ୍ଦିଷ୍ଟ ସାଇକେଲ ଷ୍ଟାଣ୍ଡରେ ବସ୍ତା ବସ୍ତା ନାପକିନ୍ ପଡି ରହିଛି। ମାସ ମାସ ଧରି ଏପରି ପଡି ରହିଥିଲେ ସୁଦ୍ଧା କୌଣସି ଅଧିକାରୀ ଏଥିପ୍ରତି ତଦନ୍ତ କରିନାହାନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଅଚ୍ୟୁତାନନ୍ଦ ସେଠୀଙ୍କ କହିବା ହେଲା ଏଠାରେ କିଏ ଏପରି ପକେଇ ରଖିଛନ୍ତି ତାହାର ସୂଚନା ନାହିଁ, ପୂର୍ବତନ ପ୍ରଧାନ ଶିକ୍ଷକଙ୍କ ଅମଳରୁ ଏପରି ପଡିରହିଛି, ବର୍ତ୍ତମାନ ଏ ସବୁ ଏଠାରେ ପଡି ରହିବା ଯୋଗୁ ବାଳିକାମାନେ ଏଠାରେ ସାଇକେଲ ମଧ୍ୟ ରଖି ପାରୁନାହାନ୍ତି, ଆମ ବିଦ୍ୟାଳୟ ପାଇଁ ଆସୁଥିବା ସାନିଟାରି ନାପକିନ୍ ପିଲାଙ୍କୁ ଦିଆହୋଇଛି। ତେଣୁ ଏସବୁକୁ ଏଠାରୁ ହଟାଇ ଅନ୍ୟତ୍ର ସ୍ଥାନାନ୍ତର କରିଲେ ବହୁ ବିଦ୍ୟାର୍ଥୀ ଉପକୃତ ହୋଇଥାନ୍ତେ ବୋଲି କହିଛନ୍ତି। ଅନ୍ୟପଟେ ୫-ଟି ନାମରେ କାମ କରି ଠିକାଦାର କୁଢ଼ କୁଢ଼ ବଜୁରି ବିଦ୍ୟାଳୟରେ ପକେଇ ରଖିଛନ୍ତି। ବିଦ୍ୟାଳୟ ଭିତରେ ସିମେଣ୍ଟ ମିକ୍ସଚର ମେଶିନ ପଡି ରହିଛି। ବିଦ୍ୟାଳୟ ପରିବେଶରେ ମାଳ ମାଳ ଗଛ ଲଟା। ଏସବୁକୁ ସଫା କରିବା ପାଇଁ ଆବଶ୍ୟକ ଅର୍ଥ ମଧ୍ୟ ନାହିଁ। ବିଦ୍ୟାଳୟର ଆକାଉଣ୍ଟ ଶଶୀ ଭୂଷଣ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀଙ୍କ ହାତରେ ରହିଛି। ତେଣୁ ଆବଶ୍ୟକ ପଦକ୍ଷେପ ନେବା ପ୍ରଧାନ ଶିକ୍ଷକଙ୍କ ସପକ୍ଷରେ ସମ୍ଭବ ହେଉନି। ଖେଳିବା ପାଇଁ ଜାଗା ଟିକେ ନାହିଁ, ବାଳିକାଙ୍କ ପାଇଁ ପରିସ୍ରାଗାର ଟିଏ ମଧ୍ୟ ନଥିଲା, ସୋରଡା ବିଧାୟକଙ୍କ ହସ୍ତକ୍ଷେପ ପରେ ବର୍ତ୍ତମାନ କାମ ଆରମ୍ଭ ହୋଇଛି। ଏହିପରି ଏକ ଅସ୍ୱାସ୍ଥ୍ୟକର ପରିବେଶରେ ବିଦ୍ୟାର୍ଥୀମାନେ ପଢୁଥିବାରୁ ଶୀଘ୍ର ପ୍ରଶାସନ ତରଫରୁ ପଦକ୍ଷେପ ନେବାକୁ ଅଭିଭାବକମାନେ ଦାବି କରିଛନ୍ତି ଏବଂ ଅଭିଭାବକଙ୍କ ବୈଠକରେ ଅସନ୍ତୋଷ ମଧ୍ୟ ପ୍ରକାଶ କରିଛନ୍ତି।

# ଲୁଟ୍, ହତ୍ୟା ଘଟଣାର ଅଭିଯୁକ୍ତଙ୍କ ପତ୍ତା ପାଉନି ପୋଲିସ

ଗୋପାଳପୁର,୨୭।୮ (ନବୀନରାଜ ଆଚାରୀ)

ଗଞ୍ଜାମ ଜିଲା ଗୋଳନ୍ଥରା ଥାନା ଅଞ୍ଚଳରେ ଦିନକୁ ଦିନ ଅପରାଧମୂଳକ କାର୍ଯ୍ୟକଳାପ ବଢ଼ି ଚାଲିଛି। ଏହି ଅଞ୍ଚଳ ଯେପରି ଅପରାଧୀଙ୍କ ସେଭ୍ ଜୋନ ପାଲଟିଛି । ଅଞ୍ଚଳରେ ହତ୍ୟା ଓ ଲୁଟ୍ ପରି ଘଟଣା ବୃଦ୍ଧି ପାଉଥିଲେ ମଧ୍ୟ ଅଭିଯୁକ୍ତଙ୍କୁ ଧରିବାରେ ପୋଲିସ ବିଫଳ ହୋଇଛି। ସେମାନଙ୍କ କୌଣସି ପତ୍ତା ପୋଲିସ ପାଉ ନ ଥିବା ଅଭିଯୋଗ ହେଉଛି। ଗୋଳନ୍ଥରା ଅଞ୍ଚଳରେ ଗତ ମାସକ ମଧ୍ୟରେ ୧୦ରୁ ଉର୍ଦ୍ଧ୍ୱ ବାଇକ୍ ଚୋରି, କନିସି ହାଟ ଅଞ୍ଚଳରେ ୟୁକେ ବ୍ୟାଙ୍କ ଏଟିଏମରୁ ଲକ୍ଷାଧିକ ଟଙ୍କା ଲୁଟ୍ ପରି ଘଟଣା ଘଟିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ପାଖରେ ପହଞ୍ଚିପାରିନି। ଗୋଳନ୍ଥରା ଥାନା ଅଞ୍ଚଳରେ ଗତ ୧୧ ତାରିଖ ବିଳମ୍ବିତ ରାତିରେ ୟୁକୋ ବ୍ୟାଙ୍କ ଏଟିଏମରୁ ଦୁର୍ବୃତ୍ତମାନେ ଲକ୍ଷାଧିକ ଟଙ୍କା ଲୁଟି ନେଇଥିଲେ। ଏ ନେଇ ବ୍ୟାଙ୍କ କର୍ତ୍ତୃପକ୍ଷ ଗୋଳନ୍ଥରା ଥାନାରେ (୩୨୫/୨୪) ୫ ଲକ୍ଷ ୭୩ ହାଜର ୩ ଶହ ଟଙ୍କା ଲୁଟ୍ ହୋଇଥିବା ଅଭିଯୋଗ କରିଥିଲେ। ଗୋଳନ୍ଥରା ପୋଲିସ, ସାଇଣ୍ଟିଫିକ ଟିମ୍ ପହଞ୍ଚି ତଦନ୍ତ କରିଥିଲେ ମଧ୍ୟ ଲୁଟେରାଙ୍କ ପତ୍ତା ପାଇ ନ ଥିଲେ। ଏନେଇ ଏକ ମାମଲା ରୁଜୁ ହୋଇଛି। ସେହିପରି ଗତ ଜୁଲାଇ ୧୫ରେ ଜଗନ୍ନାଥପୁର ଓଡିଆରପି କଲୋନୀରେ ନବବଧୂ ରାଣୀ ମହାରଣା ହତ୍ୟା ମାମଲା (୨୯୧/୨୪)ଘଟିଥିଲା। ରାଣୀଙ୍କ ପରିବାର ଲୋକେ ଗୋଳନ୍ଥରା ଥାନାରେ ଅଭିଯୋଗ କରିଥିଲେ। ମାତ୍ର ପୋଲିସ ମାମଲାକୁ ଗୁରୁତ୍ୱ ଦେଇ ନ ଥିଲା। ଅଭିଯୁକ୍ତଙ୍କୁ ବ୍ରହ୍ମପୁର ମେଡିକାଲ ଫାଣ୍ଡିରୁ ଆଣି ନ ଥିଲା। ପୋଲିସର ଅବହେଳାର ସୁଯୋଗ ନେଇ ରାଣୀଙ୍କ ସ୍ୱାମୀ ଲକ୍ଷ୍ମୀ ଫେରାର ହୋଇଯାଇଥିଲେ। ଲକ୍ଷ୍ମୀ ଜଣେ ପେଶାଦାର ଅପରାଧୀ। ଲକ୍ଷ୍ମୀ ପୋଲିସ ହେପାଜତରୁ କିଭଳି ଖସିଗଲେ ସେନେଇ ଏବେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏ ସମ୍ପର୍କରେ ବ୍ରହ୍ମପୁର ସଦର ଏସ୍‌ଡିପିଓ ଶୁଭ୍ରାଂଶୁ ଶେଖର ପରିଡାଙ୍କୁ ପଚାରିବାରୁ ସେ କହିଲେ, ଲୁଟେରାମାନେ ବାହାର ରାଜ୍ୟର। ହତ୍ୟା ଘଟଣାର ତଦନ୍ତ ଜାରି ରହିଛି। ଖୁବ୍ ଶୀଘ୍ର ଅଭିଯୁକ୍ତ ଧରାପଡିବେ।

# ଧରାକୋଟ ବ୍ଲକରେ ବିଜେଡିର ଜନଜାଗରଣ କାର୍ଯ୍ୟକ୍ରମ

ଧରାକୋଟ,୨୭।୮ (ବିଷ୍ଣୁ କେଶରୀ ଆଚାର୍ଯ୍ୟ)




ଧରାକୋଟ ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ଜନଜାଗରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଭାଜପାର ଡବଲ ଇଞ୍ଜିନ ସରକାର ଲୋକଙ୍କୁ ମିଛ ପ୍ରତିଶ୍ରୁତି ଦେଇଥିବା ନେଇ ସଚେତନ କରାଯାଇଥିଲା। ଏହି ଅବସରରେ ଧରାକୋଟ ଜଗନ୍ନାଥ ମନ୍ଦିର ସମ୍ମୁଖରୁ ପୂର୍ବତନ ବିଧାୟିକା ନନ୍ଦିନୀ ଦେବୀଙ୍କ ନେତୃତ୍ୱରେ ଜନଜାଗରଣ କାର୍ଯ୍ୟକ୍ରମରେ ଏକ ସଚେତନତା ଶୋଭାଯାତ୍ରା ସହର ପରିକ୍ରମା କରିଥିଲା। ଏହି ଅବସରରେ ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ, ଧରାକୋଟ ବ୍ଲକ ଅଧ୍ୟକ୍ଷା ସୁଲକ୍ଷଣା ଗୀତାଞ୍ଜଳି ଦେବୀ, ଉପାଧ୍ୟକ୍ଷ ମନୋଜ ସାହୁ, ଜିଲା ପରିଷଦ ସଭ୍ୟ ଟୁକୁନା ଗୌଡ଼, ସରପଞ୍ଚ ଯୋଗେନ୍ଦ୍ର ସ୍ୱାଇଁ, ପୁନିଆ ଦାସ, ମଗୁଲୁ ପାତ୍ର, ସରପଞ୍ଚ ପ୍ରତିନିଧି ପ୍ରମୋଦ ମହାରଣା, ଲିଟୁ ଭୂୟାଁ, ବାବୁଲା ନାୟକ, ସମିତିସଭ୍ୟ ଦୟାନିଧି ପ୍ରଧାନ, ପ୍ରତିନିଧି ମାନସ ରଞ୍ଜନ ଜେନା, ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ, ପ୍ରଦୀପ ବିଶୋୟୀଙ୍କ ସମେତ ବହୁ ବିଜେଡି କର୍ମୀ ସାମିଲ ହୋଇଥିଲେ। ଗତ ନିର୍ବାଚନରେ ଭାଜପା ସମସ୍ତ ଭତ୍ତାଧାରୀଙ୍କ ମାସିକ ଭତ୍ତା ୩୦୦୦ ଓ ୩୫୦୦ ଟଙ୍କାକୁ ବୃଦ୍ଧି କରିବା, ଚାଷୀମାନଙ୍କଠାରୁ ଧାନ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ କିଣିବା, ଏମ୍‌ଏସ୍‌ପି ଦେବା, ୩୦୦ ୟୁନିଟ ମାଗଣା ବିଦ୍ୟୁତ୍ ଏବଂ ସମସ୍ତ ୧୮ ବର୍ଷରୁ ୬୦ ବର୍ଷ ବୟସର ମହିଳାଙ୍କୁ ମାସିକ ୧୦୦୦ ଟଙ୍କା ଭତ୍ତା ପ୍ରଦାନ ନେଇ ଘୋଷଣା କରିଥିଲା। ମାତ୍ର ନିର୍ବାଚନ ଜିତିବା ପରେ ଭାଜପାର ଏହି ପ୍ରତିଶ୍ରୁତି ପାଣିରଗାର ସଦୃଶ୍ୟ ହୋଇଛି ବୋଲି ଉପସ୍ଥିତ ବକ୍ତାମାନେ ଅଭିଯୋଗ କରିଥିଲେ। ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶରେ ହେଉଥିବା ଏହି ଜନଜାଗରଣ କାର୍ଯ୍ୟକ୍ରମରେ ବ୍ଲକ ବିଜେଡି ସଭାପତି ସଞ୍ଜୟ ପାତ୍ର ସଂଯୋଜନା କରିଥିଲେ। ଏକ ସଚେତନତା ଶୋଭାଯାତ୍ରା ଧରାକୋଟ, ଜଗମୋହନ ଓ ବାହାରପୁର ପଞ୍ଚାୟତ ପରିକ୍ରମା କରିଥିଲା। ପୂର୍ବତନ ସରପଞ୍ଚ ଦିଲିପ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଭାଜପା ପକ୍ଷରୁ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ

ଦିଗପହଣ୍ଡି,୨୭।୮(ଅଶେଷ ନାଥ ମିଶ୍ର)

ଦିଗପହଣ୍ଡିରେ ଭାଜପା ପକ୍ଷରୁ ସୋମବାର ସଦସ୍ୟତା ଅଭିଯାନ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଦିଗପହଣ୍ଡି ରାଜବାଟି ପରିସରରେ ଥିବା ଭାଜପା ଶାଖା କାର୍ଯ୍ୟାଳୟ ଏବଂ ଭୀଷ୍ମଗିରି ମଣ୍ଡଳ ଭାଜପା କମିଟି ପକ୍ଷରୁ ଖମ୍ବାରି ଗାଁସ୍ଥିତ ଉଜ୍ଜ୍ୱଳେଶ୍ୱର ଶୈବପୀଠ ପରିସରରେ ଆୟୋଜିତ କର୍ମଶାଳାରେ ବିଧାୟକ ଡ. ସିଦ୍ଧାନ୍ତ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେହିପରି ଭାଜପା ଗଞ୍ଜାମ ଜିଲା ସଭାପତି ଡା. ସୁବାସ ସାହୁ, ପୂର୍ବତନ ରାଜ୍ୟ ସମ୍ପାଦକ ଶ୍ରୀକାନ୍ତ ପାଢ଼ୀ, ସଦସ୍ୟତା ଅଭିଯାନ ଜିଲା ସଂଯୋଜକ ପରେଶ ଚନ୍ଦ୍ର ରଥ, ସହ ସଂଯୋଜକ କେ. ହରିବନ୍ଧୁ ରେଡ୍ଡୀ, ବିଧାନସଭା ନିର୍ବାଚନମଣ୍ଡଳୀ ସଂଯୋଜକ ଶୁଭେନ୍ଦୁ ପାଢୀ, ଜିଲା କାର୍ଯ୍ୟକାରିଣୀ ସଦସ୍ୟ ଭବାନୀ ଶଙ୍କର ପଣ୍ଡା, ଦିଗପହଣ୍ଡି ନଗର ସଭାପତି ପ୍ରଶାନ୍ତ ପୂଜାରୀ, ଭାଜପା ଯୁବମୋର୍ଚ୍ଚା ଜିଲା ଉପ ସଭାପତି ବାପି ପ୍ରଧାନ, ସାଧାରଣ ସମ୍ପାଦକ କୁନା ଚୌଧୁରୀ, ସଚ୍ଚିକାନ୍ତ ରଥ, ଭୀଷ୍ମଗିରି ମଣ୍ଡଳ, ସଭାପତି ସୁଦାମ ବେହେରା, ସାଧାରଣ ସମ୍ପାଦକ ନରସିଂହ ପାତ୍ର, ଉପସଭାପତି ପ୍ରମୋଦ କୁମାର ମହାନ୍ତି, ସଦସ୍ୟ ମନୋଜ ସାହୁ, ଶିବରାମ ମହାନ୍ତିଙ୍କ ସମେତ ଅନ୍ୟାନ୍ୟ ଦଳୀୟ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହିଥିଲେ।

# ମନ୍ଦିର ଦାନହୁଣ୍ଡି, ଦୋକାନରୁ ଲୁଟ୍

ଗଞ୍ଜାମ,୨୭।୮(ବିଦ୍ୟାଧର ସାହୁ)

ଗତ କିଛି ଦିନ ତଳେ ଗଞ୍ଜାମ ବ୍ଲକ ଅନ୍ତର୍ଗତ କଣ୍ଟିଆଗଡ଼ସ୍ଥିତ ବଟେଶ୍ୱର ମନ୍ଦିର ଦାନହୁଣ୍ଡିରୁ ଲକ୍ଷାଧିକ ଟଙ୍କା ଦୁର୍ବୃତ୍ତମାନେ ଲୁଟି ନେଇଥିଲେ। ଏହି ଘଟଣାରେ ପୋଲିସ ଏଯାଏ କାହାକୁ ଧରି ପାରି ନ ଥିବା ବେଳେ ସୋମବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ବୋରିଗାଁସ୍ଥିତ ବାବା ଝାଡ଼େଶ୍ୱରଙ୍କ ମନ୍ଦିର ହୁଣ୍ଡିରୁ ପୁଣି ଟଙ୍କା ଚୋରି କରି ନେଇଯାଇଛନ୍ତି। ଏଥିସହ ସେଠାରେ ଥିବା ଏକ ଦୋକାନରୁ ମଧ୍ୟ ସେମାନେ ଟଙ୍କା ଲୁଟି ନେଇଥିବା ଜଣାପଡିଛି। ଏନେଇ ମନ୍ଦିର ପରିଚାଳନା କମିଟି ପକ୍ଷରୁ ହୁମା ଫାଣ୍ଡିରେ ଅଭିଯୋଗ ହୋଇଛି। ହଣ୍ଡାହଣ୍ଡି ଥିବା ଦୋକାନ ଗୃହରୁ ଗୁଟ୍‌ଖା, ବିସ୍କୁଟ ମିକଚର, ବିଭିନ୍ନ ଥଣ୍ଡା ପାନୀୟ ବୋତଲ ସହ ବାକ୍ସରେ ଥିବା ସବୁ ଟଙ୍କା ଦୁର୍ବୃତ୍ତମାନେ ନେଇଯାଇଥିବା ଅଭିଯୋଗରେ ଉଲ୍ଲେଖ ରହିଛି। ସ୍ଥାନୀୟ ଅଞ୍ଚଳରେ ଏଭଳି ବାରମ୍ବାର ଚୋରି ହେଉଥିବାରୁ ହୁମା ପୋଲିସ ପାଟ୍ରୋଲିଂ କଡାକଡି କରିବାକୁ ସାଧାରଣରେ ଦାବି ହେଉଛି।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ

ବାଲିଗୁଡ଼ା,୨୭।୮ (ସଞ୍ଜୟ କୁମାର ପାଣିଗ୍ରାହୀ)

କନ୍ଧମାଳ ଜିଲାର ୧୨ ବ୍ଲକରେ ଜନସେବା କେନ୍ଦ୍ର ପକ୍ଷରୁ ମା’ ପାଇଁ ଘଛଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରତି ପଞ୍ଚାୟତରେ ଥିବା ଜନସେବା କେନ୍ଦ୍ରର ପରିଚାଳକ ନିଜ ନିଜ କେନ୍ଦ୍ର ନିକଟରେ ଗୋଟିଏ ଗୋଟିଏ ଗଛ ଲଗାଇଛନ୍ତି। କନ୍ଧମାଳ ଜିଲା ଜନସେବା କେନ୍ଦ୍ର ଜିଲା ସିଏସସି ମ୍ୟାନେଜର ବିନାୟକ ସାବତଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ଗୋଟିଏ ଗୋଟିଏ ବୃକ୍ଷର ମୂଲ୍ୟ ଓ ଏହାର ଉପକାରିତା ବିଷୟରେ ସମସ୍ତ କାର୍ଯ୍ୟରତ ଭିଏଲଇମାନଙ୍କୁ ଅବଗତ କରାଇଛନ୍ତି।

# ବୁଢ଼ାଖୋଲ ଉନ୍ନୟନ ସମିତିର ନୂତନ କର୍ମକର୍ତ୍ତା


ବୈଠକରେ ଉପସ୍ଥିତ ମନ୍ତ୍ରୀ ଓ ସଦସ୍ୟମାନେ।

ବୁଗୁଡା.୨୭।୮(କାଳିଚରଣ ଦାଶ)

ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ ବୁଢ଼ାଖୋଲ ପାଦଦେଶରେ ଥିବା ଜନସୁବିଧା କେନ୍ଦ୍ରରେ ବୁଢ଼ାଖୋଲ ଉନ୍ନୟନ ସମିତିର ଏକ ବୈଠକ ଅନୁଷ୍ଠିତ ହୋଇ ନୂତନ କର୍ମକର୍ତ୍ତା ଚୟନ ହୋଇଛି। ସମିତିର ସଭାପତି ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କ ସଭାପତିତ୍ୱରେ ହୋଇଥିବା ବୈଠକରେ ଟି.ସଞ୍ଜୀବ ପାତ୍ରଙ୍କୁ କାର୍ଯ୍ୟକାରୀ ସଭାପତି, ଗଙ୍ଗାଧର ନାୟକଙ୍କୁ ଉପସଭାପତି, ସୁରେଶଚନ୍ଦ୍ର ଦାଶଙ୍କୁ ସାଧାରଣ ସମ୍ପାଦକ, ହରିକୃଷ୍ଣ ସାହୁଙ୍କୁ ସମ୍ପାଦକ, କେଦାରନାଥ ମହାରଣାଙ୍କୁ ସହସମ୍ପାଦକ, କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ କୋଷାଧ୍ୟକ୍ଷ ଓ ଗଙ୍ଗାଧର ବିଷୋୟୀଙ୍କୁ ସମୀକ୍ଷକ ରୂପେ ଚୟନ କରାଯାଇଥିଲା। ଧରଣୀଧର ପଣ୍ଡା, ଏ.ଚନ୍ଦନ ଚର୍ଚ୍ଚିତ ପାତ୍ର, ଗୌର ଚରଣ ପ୍ରଧାନ ଓ ପଞ୍ଚାନନ ସାହୁଙ୍କୁ ସମିତିର ଉପଦେଷ୍ଟା ଭାବେ ମନୋନୀତ ହୋଇଥିଲେ।

# ସାମାଜିକ କର୍ମୀ ବାଇଧରଙ୍କ ମୃତ୍ୟୁ ପରେ ଅଙ୍ଗଦାନ ନିଷ୍ପତ୍ତି

ସୋରଡା,୨୭।୮(ରଜନୀ ମହାପାତ୍ର)

ଗଞ୍ଜାମ ଜିଲା ସୋରଡା ବ୍ଲକ ଅମ୍ବୁଲୁ ଗ୍ରାମ ନିବାସୀ ବାଇଧର ସ୍ୱାଇଁ ନିଜ ମୃତ୍ୟୁ ପରେ ସମସ୍ତ ଅଙ୍ଗଦାନ ପାଇଁ ନିଷ୍ପତ୍ତି ନେଇଛନ୍ତି। ବାଇଧରଙ୍କ ଏହି ନିଷ୍ପତ୍ତିକୁ ସାଧାରଣରେ ପ୍ରଶଂସା କରାଯାଇଛି। ବାଇଧର ୩୬ ବର୍ଷ ବୟସରେ ୩୮ ଥର ରକ୍ତଦାନ କରି ସୋରଡାରେ ନିଜ ସମାଜସେବାର ଉଦାହରଣ ଦେଇଛନ୍ତି। ଏବେ ମୃତ୍ୟୁ ପରେ ସେ ନିଜର ସମସ୍ତ ମୁଖ୍ୟ ଅଙ୍ଗ ଓ ଟିସୁକୁ ଦାନ କରିବାକୁ ନିଷ୍ପତ୍ତି ନେଇଛନ୍ତି। ଏନେଇ ସେ ବିଭିନ୍ନ ଅଧିକାରୀ ଓ କଟକ ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡିକାଲ କଲେଜର ଡାକ୍ତର ପ୍ରଭାତ ଆଚାର୍ଯ୍ୟଙ୍କ ଉପସ୍ଥିତିରେ ନିକଟରେ ଏକ ଚୁକ୍ତିନାମା କରିଛନ୍ତି। ଡାକ୍ତର ଆଚାର୍ଯ୍ୟ ଓ ଅନ୍ୟମାନଙ୍କ ଉପସ୍ଥିତିରେ ବାଇଧରଙ୍କୁ ଉପଢୌକନ ଦେଇ ସମ୍ମାନିତ କରାଯାଇଥିଲା। ମୃତ୍ୟୁ ପରେ ନିଜ ଶରୀରର ପ୍ରମୁଖ ଅଙ୍ଗ ଓ ଟିସୁ ଦାନରେ କେତେଜଣଙ୍କ ଜୀବନ ବଞ୍ଚିବ। ଏହାକୁ ଅନ୍ୟଜଣଙ୍କ ଶରୀରରେ ପ୍ରତିରୋପଣ କରାଯାଇପାରିବ ବୋଲି ବାଇଧର ପ୍ରକାଶ କରିଛନ୍ତି। ଏହି ଅବସରରେ ସେ ଭୁବନେଶ୍ୱର ବମିଖାଲସ୍ଥିତ ଆନନ୍ଦ ଆଶ୍ରମରେ ଅନାଥ ଶିଶୁଙ୍କ ପାଇଁ ଖାଇବା ବ୍ୟବସ୍ଥା କରିଥିଲେ। କିଛି ସମୟ ପିଲାଙ୍କ ସହ ବିତାଇଥିଲେ।

# ରାସ୍ତାକଡ଼ରେ ବିପଦସଙ୍କୁଳ ଶୁଖିଲା ଗଛ



ଖଜୁରିପଡ଼ା,୨୭।୮(ବିଦୁର ବେହେରା)

ଖଜୁରିପଡ଼ା ବ୍ଲକ ଦୁତିପଡ଼ା ମେକାନି ସାହିଠାରେ ଏକ ବିଶାଳ ଗଛ ଶୁଖି ରହିଛି। ତାହା ଆଗକୁ ଗଲେ ଲେମ୍ବୁ ବଗିଚା ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଦୁତିପଡ଼ା ସମ୍ମୁଖରେ ମଧ୍ୟ ଗଛ ଶୁଖି ରହିଥିବା ବେଳେ ଆଉ ଏକ ବିଶାଳ ଆମ୍ବଗଛ ପିଣ୍ଡାବାଡ଼ି ସରକାରୀ ପ୍ରାଥମିକ ସ୍କୁଲ ସମ୍ମୁଖରେ ଶୁଖି ରହିଛି। ଏହି ସବୁ ଶୁଖିଲା ଗଛ ଫୁଲବାଣୀରୁ ଭୁବନେଶ୍ୱର ୫୭ ନଂ ଜାତୀୟ ରାଜପଥ କଡ଼ରେ ରହିଛି। ଟିକେ ପବନ ହେଲେ ଡାଳ ସବୁ ରାସ୍ତା ଉପରେ ଭାଙ୍ଗି ପଡୁଛି। ଏହି ରାସ୍ତାରେ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ଗାଡ଼ି ମୋଟର ଯାତାୟାତ କରୁଛି। କେତେବେଳେ କୌଣସି ଯାନବାହନ ଉପରେ ଏହି ଗଛ ପଡ଼ି ଦୁର୍ଘଟଣା ଘଟିବ ତାକୁ ଏଡାଇ ହେବ ନାହିଁ। ଏହି ଗଛ କାଟିବା ପାଇଁ ୨୦୨୩ ଜୁଲାଇ ୧୫ ତାରିଖରେ ମେକାନି ସାହିବାସୀ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଦରଖାସ୍ତ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳି ନ ଥିବା ମେକାନି ସାହିବାସିନ୍ଦା ଅଭିଯୋଗ କରିଛନ୍ତି। ଏ ନେଇ ଦୁତିମେଣ୍ଡି ରାଜସ୍ୱ ନିରୀକ୍ଷକ ଅଧିକାରୀ ମାନସ ସାହୁଙ୍କୁ ପଚାରିବାରୁ ସେ ନିଜ ବିଭାଗ ତରଫରୁ ସମସ୍ତ ସହଯୋଗ କରିବାକୁ ପ୍ରସ୍ତୁତ ଅଛନ୍ତି କିନ୍ତୁ ବନ ବିଭାଗର ସହଯୋଗ ଆବଶ୍ୟକ ବୋଲି କହିଛନ୍ତି। ବନ ସଂରକ୍ଷଣ ଅଧିକାରୀ ପ୍ରତାପ ଜୁଣ୍ଡିଙ୍କୁ ପଚାରିବାରୁ ଡିଏଫ୍‌ଓଙ୍କ ଅନୁମତି ଆବଶ୍ୟକ ବୋଲି କହିଥିବା ବେଳେ ରେଞ୍ଜର ଶିବାନନ୍ଦ ଲେଙ୍କା କହିଛନ୍ତି ଶୀଘ୍ର ଏହା ଉପରେ ପଦକ୍ଷେପ ନିଆଯିବ।

# ଗୋଷାଣି-ଲିଙ୍ଗିପୁର-ଉପଲଡା ରାସ୍ତା ମରଣଯନ୍ତା

ପାରଳାଖେମୁଣ୍ଡି,୨୭।୮(ଗିରିଧାରୀ ପରିଛା)



■ଅଞ୍ଚଳବାସୀଙ୍କ ଅଭିଯୋଗକୁ ଗୁରୁତ୍ୱ ଦେଉନି ପ୍ରଶାସନ

■୩ମାସ ଭିତରେ ୩ଥର ହୋଇସାରିଲାଣି ମରାମତି

ଗଜପତି ଜିଲା ଗୋଷାଣି ବ୍ଲକ ଅନ୍ତର୍ଗତ ଗୋଷାଣି ଗ୍ରାମ ଛକଠାରୁ ଗୁରାଣ୍ଡି-ଲିଙ୍ଗିପୁର-ଉପଲଡା ଯାଇଥିବା ପୂର୍ତ୍ତ ବିଭାଗର ମୁଖ୍ୟ ରାସ୍ତା ଖାଲଖମାରେ ପରିଣତ ହୋଇ ମରଣଯନ୍ତା ପାଲଟିଛି। ଏହି ରାସ୍ତା ୩ ବର୍ଷ ତଳେ ନିର୍ମାଣ ହୋଇଥିଲେ ସୁଦ୍ଧା ନିମ୍ନମାନର କାର୍ଯ୍ୟ ଯୋଗୁ ନିର୍ମାଣର ମାତ୍ର ବର୍ଷକ ମଧ୍ୟରେ ଏହା ଖାଲଖମା ହୋଇ ମରଣଯନ୍ତା ପାଲଟିଛି। ଫଳରେ ଉକ୍ତ ରାସ୍ତା ଉପରେ ନିର୍ଭର କରୁଥିବା ଗ୍ରାମବାସୀ ଯାତାୟାତରେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ରାସ୍ତା ନିର୍ମାଣର ତିନି ବର୍ଷ ମଧ୍ୟରେ ତିନି ଥର ରକ୍ଷଣାବେକ୍ଷଣ ନାମରେ ମରାମତି ମଧ୍ୟ ରାସ୍ତା ଅବସ୍ଥା ସୁଧୁରିନାହିଁ। ୯ କି.ମି. ଦୂରତା ବିଶିଷ୍ଟ ଏହି ରାସ୍ତାର ଗୋଷାଣି ଛକ ମୁଖ୍ୟ ରାସ୍ତାରୁ ଗୁରାଣ୍ଡି ଗ୍ରାମ ପର୍ଯ୍ୟନ୍ତ ବିଭିନ୍ନ ସ୍ଥାନରେ ପିଚୁ ଉଠିଯାଇ ଗର୍ତ୍ତ ସୃଷ୍ଟି ହୋଇଛି। ସେହିପରି ଗୁରାଣ୍ଡି ଗ୍ରାମ ଛକଠାରୁ ଆଙ୍କୁଡୁ ଏବଂ ଲିଙ୍ଗିପୁର ପର୍ଯ୍ୟନ୍ତ ରାସ୍ତା ଖାଲଖମାରେ ପରିଣତ ହୋଇଛି। ଲିଙ୍ଗିପୁର ଗ୍ରାମରୁ ଉପଲଡା ଛକ ଏବଂ ଉପଲଡା ଆର୍‌ଆଇ ଅଫିସ ନିକଟରେ ଥିବା ପଥରଖାଦାନକୁ ଚଳାଚଳ କରୁଥିବା ଭାରଯାନଗୁଡିକ ଯୋଗୁ ରାସ୍ତାରୁ ପିଚୁ ଉଠିଯାଇଥିବା ଅଭିଯୋଗ ହେଉଛି। ସୂଚନାଯୋଗ୍ୟ, ଏହି ଗୋଷାଣି-ଗୁରାଣ୍ଡି-ଲିଙ୍ଗିପୁର-ଉପଲଡା ପୂର୍ତ୍ତ ବିଭାଗ ରାସ୍ତା ଉପଲଡା ଗ୍ରାମ ଛକ ଦେଇ ଯାଇଥିବା ଜାତୀୟ ରାଜପଥ ୩୨୬-ଏ ଏବଂ ଗୋଷାଣି ଛକ ଦେଇ ଯାଇଥିବା ରାଜ୍ୟ ରାଜପଥକୁ ସଂଯୋଗ କରୁଛି। ଉକ୍ତ ରାସ୍ତାଦେଇ ପାରଳାଖେମୁଣ୍ଡି ତଥା ଗୋଷାଣି ବ୍ଲକର ବିଭିନ୍ନ ଗ୍ରାମାଞ୍ଚଳକୁ ଯିବାକୁ ହେଲେ ଆନ୍ଧ୍ର ଉପରେ ନିର୍ଭର କରିବାକୁ ପଡି ନ ଥାଏ । ଅନ୍ୟପକ୍ଷରେ ଉକ୍ତ ରାସ୍ତାରେ ପ୍ରତ୍ୟହ ଶତାଧିକ ଯାନବାହାନ ଚଳାଚଳ କରିଥାଏ। ପାରଳାଖେମୁଣ୍ଡି, ପାଟିକୋଟା, ସାତମାଇଲ, ଉପଲଡା ଆଦି ଗ୍ରାମାଞ୍ଚଳର ଲୋକେ ବ୍ଲକ ସଦର ମହକୁମା ଏବଂ ଜିଲା ସଦର ମହାକୁମାକୁ ଯାତାୟତ ପାଇଁ ଉକ୍ତ ରାସ୍ତା ଉପରେ ନିର୍ଭର କରିଥାନ୍ତି । ଏପରି ଏକ ଗୁରୁତ୍ୱପୂର୍ଣ୍ଣ ରାସ୍ତା ଏବେ ଶୋଚନୀୟ ହୋଇପଡୁଛି । ଏନେଇ ବାରମ୍ବାର ବିଭିନ୍ନ ସମୟରେ ଅଞ୍ଚଳବାସୀ ଅଭିଯୋଗ କରୁଥିଲେ ମଧ୍ୟ ବିଭାଗ ନିରବଦ୍ରଷ୍ଟା ସାଜିଛି। ବିଭାଗୀୟ ଅବହେଳା ପାଇଁ ପ୍ରତ୍ୟେହ ଉକ୍ତ ଅଞ୍ଚଳରେ ଛୋଟ ବଡ ଦୁର୍ଘଟଣାମାନ ଘଟୁଥିବା ସ୍ଥାନୀୟ ଅଞ୍ଚଳର ଚିନୁରାଜ ପାତ୍ର, ପ୍ରଶାନ୍ତ ରାଉତ, ବିକାଶ ସାହୁ, ଗଣେଶ ପାତ୍ର ପ୍ରମୁଖ କହିଛନ୍ତି। ଜିଲା ପ୍ରଶାସନ ଏହି ସମସ୍ୟାର ସମାଧାନ କରିବାକୁ ଦାବି ହେଉଛି । ସୂଚନାଯୋଗ୍ୟ, ଉଲ୍ଲେଖିତ ରାସ୍ତା ଖରାପ ଥିବାରୁ ଜିଲା ସଦର ମହକୁମାରୁ ଗୋଷାଣି ବ୍ଲକର ବିଭିନ୍ନ ସ୍ଥାନକୁ ବିଭିନ୍ନ କାର୍ଯ୍ୟକ୍ରମରେ ଆସୁଥିବା ମନ୍ତ୍ରୀଙ୍କୁ ଆନ୍ଧ୍ରର ମେଳିଆପୁଟି-ଚାପରା-ପାଟପୁର ରାସ୍ତା ଦେଇ ଯାତାୟାତ କରିବାକୁ ହୋଇଥାଏ।

